ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି  ଫୋରମ ଅନ୍ ହ୍ୟୁମାନ୍ ରାଇଟସ୍ ଆନୁକୂଲ୍ୟରେ .....

| Month | Date | Volume No | Issue |
|---|---|---|---|
| March, 2014 | 20.03.2014 | V | 1 |

# ବିଷୟସୂଚୀ

୧.ମହିଳାମାନଙ୍କ ଉପରେ ହିଂସା

- ଗର୍ଭବତୀ ବୋହୁକୁ  କିରେସିନ ଢାଳି ପୋଡି ହତ୍ୟା, ଥାନା ରେ ମାମଲା ରୁଜୁ.
- ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସମୀ ଗିରଫ.
- କାଜୁ ନିଗମ ଅଧ୍ୟକ୍ଷଙ୍କ ସରକାରୀ ବାସବଭନରେ ଦୁଷ୍କର୍ମ
- ଦେହରେ ନିଆଁ ଲଗାଇ ସ୍ତ୍ରୀ ମୃତ, ସ୍ୱାମୀ ଗିରଫ.
- ସନ୍ଦେହଜନକ ଅବସ୍ଥାରେ ଯୁବତୀଙ୍କ  ଶବ ଉଦ୍ଧାର.
- ମହିଳାଙ୍କୁ ଯୌତୁକ ନିର୍ଯ୍ୟାତନା ଅଭିଯୋଗ .
- ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ.
- ଯୌତୁକ ନିର୍ଯ୍ୟାତନା ଅଭିଯୋଗରେ ୩ ଗିରଫ, ସ୍ୱାମୀ ଫେରାର.
- ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଯୌନ ନିର୍ଯ୍ୟାତନା.
- ଚିକିତ୍ସା ପାଇଁ ମହିଳା ବାରଦ୍ୱାର

୨. ଶିଶୁମାନଙ୍କ ଅଧିକାର  ଉପରେ ହିଂସା.

- ଅପହୃତା ନାବାଳିକା କୋଳରେ ଛୁଆ ଧରି ଫେରିଲା.
- ଅଙ୍ଗନବାଡି କେନ୍ଦ୍ରରେ ଅଣ୍ଡା ଖାଇ ୮ ଅସୁସ୍ଥ .
- ମଧ୍ୟାହ୍ନ  ଭୋଜନ ଖାଇ ୪୩  ଛାତ୍ରୀ ଅସୁସ୍ଥ.
- ଗୋଶାଳାରେ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ.
- ସ୍କୁଲ କାନ୍ଥ ପଡି ୪ ଛାତ୍ରଛାତ୍ରୀ ଆହତ.
- ଚୋରି ପାଇଁ ଦଣ୍ଡ, ୬ ମାସ ପାଇଁ ଗାଁ ମନ୍ଦିର ସଫା କରିବେ ନାବାଳକ.

୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- ପୁଲିସ ଦ୍ୱାରା ଡାକ୍ତରଖାନା କର୍ମଚାରୀ ଅଟକ..

୪. ମାନାବାଧିକାର ଆୟୋଗଙ୍କ ସମ୍ପର୍କିତ ଖବର.

- ଇଟାଭାଟିରେ ବନ୍ଧାପଡିଛନ୍ତି ୨୧ ଶ୍ରମିକ.
- ସେବାଶ୍ରମ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ମାମଲା, ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ.
- ମହିଳା କମିଶନରେ ଦୁଷ୍କର୍ମର ଶିକାର ପିଡିତା .

୫. ତ୍ରୁଟି ପୁର୍ଣ୍ଣ ଅସ୍ତ୍ରୋପଚାର ପାଇଁ ଆଖି ନଷ୍ଟ, ହାଇକୋର୍ଟରେ ମାମଲା

୬. ଗୁଣିଗାରେଡି ସନ୍ଦେହରେ ହତ୍ୟା, ୬ ଗିରଫ.

୭. ଗୁଣିଗାରେଡି ସନ୍ଦେହରେ  ଦମ୍ପତିଙ୍କୁ ହତ୍ୟା.

୮. ୫୩ ହଜାର ଜନବସତିକୁ ପାଣି ନାହିଁ.

୯. ଯକ୍ଷ୍ମା ରେଗୀଙ୍କ ଚିକିତ୍ସାରେ ଅବହେଳା, ରାସ୍ତାରେ ଛଟପଟ ହୋଇ ପ୍ରାଣଗଲା.

## ଗର୍ଭବତୀ ବୋହୂକୁ କିରୋସିନ୍ ଢାଳି ପୋଡ଼ି ହତ୍ୟା; ଥାନାରେ ମାମଲା ରୁଜୁ

ଘଟଗାଁ,୧୨।୩(ଇମିସ): ଘଟଗାଁ ବ୍ଲକ ସାନମସିଣାବିଲା ଗ୍ରାମର ତ୍ରିଲୋଚନ ମହାନ୍ତ ଅଧିକ ଯୌତୁକ ଦାବିରେ ନିଜ ସ୍ତ୍ରୀ ଜଲି ମହାନ୍ତଙ୍କୁ କିରୋସିନି ଢାଳି ପୋଡ଼ି ମାରି ଦେଇଥିବା ଘଟଗାଁ ଥାନାରେ ଅଭିଯୋଗ ହୋଇଛି। ମୃତ ଜଲିଙ୍କ ବାପା ମାଧବ ମହାନ୍ତ ଏ ନେଇ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୃତ ବେଳକୁ ଜଲି ୬ ମାସର ଗର୍ଭବତୀ ଥିଲେ। ଅଭିଯୋଗ ଅନୁଯାୟୀ, ୨୦୦୯ ଡିସେମ୍ବର ୯ ତାରିଖରେ ହରିଚନ୍ଦନପୁର ବ୍ଲକ କାଡଡିହା ଗ୍ରାମର ମାଧବ ମହାନ୍ତଙ୍କ ଝିଅ ଜଲି ମହାନ୍ତ (୨୫) ଘଟଗାଁ ଥାନା ଅନ୍ତର୍ଗତ ସାନମସିଣାବିଲା ଗ୍ରାମର ଦୁର୍ଯ୍ୟୋଧନ ମହାନ୍ତଙ୍କ ପୁଅ ତ୍ରିଲୋଚନ ମହାନ୍ତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ମୋଟର ସାଇକେଲ୍ କିଣିବା ପାଇଁ ନଗଦ ୫୦ ହଜାର ଟଙ୍କା ସହ ପଲଙ୍କ, ଗଡ୍‌ରେଜ ଆଲ୍‌ମିରା, ସୁନାରୁପା ଅଳଙ୍କାର ଓ ଅନ୍ୟାନ୍ୟ ଆସବାବପତ୍ର ଦିଆଯାଇଥିଲା। ତେବେ ବାପଘରୁ ଆହୁରି ଲକ୍ଷେ ଟଙ୍କା ଆଣିବାକୁ ଦାବି କରି ସ୍ୱାମୀ ତ୍ରିଲୋଚନ ଓ ତାଙ୍କ ପରିବାର ଲୋକ ଜଲିଙ୍କୁ ନାନା ନିର୍ଯାତନା ଦେଉଥିଲେ। ଗତ ଅକ୍ଟୋବର ମାସରେ ଜଲିଙ୍କୁ ଶ୍ୱଶୁର ଘର ଲୋକେ ପିଟାମରା କରି ତାର ମୁଣ୍ଡ ଫଟାଇ ଦେଇଥିଲେ ବୋଲି ମାଧବ ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୩ ତାରିଖ ସନ୍ଧ୍ୟାରେ ଜଲି ଉପରେ କିରୋସିନ୍ ଢାଳି ମାରି ଦେବାକୁ ଉଦ୍ୟମ ହୋଇଥିଲା। ଜଲି ଦେହରେ ନିଆଁ ଲାଗିବା ପରେ ସେ ଜୀବନ ବିକଳରେ ସ୍ୱାମୀକୁ ଜାବୁଡି ଧରିବାରୁ ତ୍ରିଲୋଚନ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଜଲିଙ୍କୁ ପ୍ରଥମେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଝିଅ ହତ୍ୟା ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାଧବ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

ସ୍କୁଲ ଭ୍ୟାନ୍ (ଓଆର୦୨-ବକେ-୦୮୭୮)କୁ ଧକ୍କା ଜବତ କର ଅଧକ ତଦନ୍ତ ଜାର ରଖଛ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

ଖଣ୍ଡଗିରି,୧୩ା୩(ଇମିସ): ଆଜି ଏହି ଥାନା ଅନ୍ତର୍ଗତ ଏମ୍ସ ନଗରସ୍ଥିତ ଏକ ଘର ଭିତରୁ ପୁଲିସ ଜଣେ ମହିଳାଙ୍କ ଶବ ଜବତ କରିଛି। ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଏହି ମହିଳାଙ୍କ ନାମ ଦେବଦର୍ଶିନୀ ବାରିକ ଓରଫ୍ ରାନୁ(୨୨)। ସେ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ସ୍ୱାମୀ ପ୍ରଭାତ ବାରିକ ଦାବି କରୁଥିବାବେଳେ ରାନୁଙ୍କ ବାପା ଭ୍ରମର ହତ୍ୟା ଅଭିଯୋଗ ଆଣିଛନ୍ତି। ତେବେ ଆଜି ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଅଭିଯୁକ୍ତ ପ୍ରଭାତକୁ ଗିରଫ କରିଛି।

ପୁଲିସ ସୂଚନାନୁସାରେ ଗତକାଲି ଅପରାହ୍ଣ ପ୍ରାୟ ୫ଟାବେଳେ ରାନୁ ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରଭାତ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ବେକରେ ଶାଢ଼ୀ ବାନ୍ଧି ଘରର ଆଜ୍‌ବେଷ୍ଟସ କଡ଼ିରେ ଝୁଲି ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରଭାତ ପୁଲିସକୁ ସୂଚନା ଦେଇଥିଲେ। ମାତ୍ର ଘଟଣାସ୍ଥଳରେ ପହଞ୍ଚିବା ପରେ ପୁଲିସ ରାନୁଙ୍କ ମୃତଦେହ ଏକ ମସିଣାରେ ଶୁଆ ହୋଇଥିବା ଅବସ୍ଥାରେ ଦେଖିବାକୁ

## ବାପା ଆଣିଲେ ହତ୍ୟା ଅଭିଯୋଗ, ସ୍ୱାମୀ କହିଲେ ଆତ୍ମହତ୍ୟା

ପାଇଥିଲା। ରାନୁଙ୍କ ମୁହଁ ଓ ବେକରେ କିଛି କ୍ଷତଚିହ୍ନ ଥିଲା। କଡ଼ିରେ ଝୁଲୁଥିବା ଅବସ୍ଥାରେ କାଳେ ବଞ୍ଚିଥିବା ଆଶା କରି ପ୍ରଭାତ ଶାଢ଼ୀ କାଟି ରାନୁଙ୍କୁ ତଳକୁ ଓହ୍ଲାଇଥିବା ପୁଲିସକୁ କହିଥିଲେ। ମାତ୍ର ପୁଲିସର ସନ୍ଦେହ ହୋଇଥିଲା। ତେଣୁ ପୁଲିସ ପକ୍ଷରୁ ଘରକୁ ସିଲ୍ କରି ରାନୁଙ୍କ ବାପଘର ଲୋକଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ରାନୁଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ରାତି ହୋଇଯାଇଥିବାରୁ ଆଉ ଶବ ପଞ୍ଚନାମା ସମ୍ଭବ ହୋଇନଥିଲା। ଆଜି ସକାଳୁ ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଥିଲା। ତେବେ ଏଭିତରେ ରାନୁଙ୍କ ବାପା ଭ୍ରମର ତାଙ୍କ ଝିଅକୁ ପ୍ରଭାତ ପିଟିପିଟି ହତ୍ୟା କରିଛି ବୋଲି ଅଭିଯୋଗ କଲେ। ପୁଲିସ ଶବ ବ୍ୟବଚ୍ଛେଦ କରାଇ ରାନୁଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାବେଳେ ଅଭିଯୁକ୍ତ ପ୍ରଭାତକୁ ଗିରଫ କରିଛି। ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ।

ପ୍ରାପ୍ତ ଖବର ଅନୁସାରେ ଖୋର୍ଧା ବେଗୁନିଆ ଥାନା ଡିଙ୍ଗର ଗ୍ରାମର ପ୍ରଭାତ ଜଣେ ରଙ୍ଗ ମିସ୍ତ୍ରୀ ଓ ସେ ପାତ୍ରପଡ଼ା ନିକଟସ୍ଥ ଏମ୍ସନଗରରେ ରହୁଥିଲେ। ତାଙ୍କର ପ୍ରଥମ ସ୍ତ୍ରୀ ଥିବା ସତ୍ତ୍ୱେ ସେ ଗତ ପ୍ରାୟ ୬ ବର୍ଷ ତଳେ ରାନୁଙ୍କୁ ପ୍ରେମ ବିବାହ କରିଥିଲେ। ରାନୁ ହେଉଛନ୍ତି ଗୋପ ଥାନା ଅନ୍ତର୍ଗତ ବସନ୍ତଡିହ ଗ୍ରାମର ଭ୍ରମର ବାରିକଙ୍କ ଝିଅ। ସମ୍ପର୍କରେ ପ୍ରଭାତ ହେଉଛନ୍ତି ରାନୁଙ୍କ ପିଉସା। ଭ୍ରମରଙ୍କ କହିବା ଅନୁସାରେ ପ୍ରଭାତ ରାନୁଙ୍କୁ ଲୁଚାଛପାରେ ଘରୁ ଉଠାଇ ଆଣିଥିଲା ଓ ସେ ଏନେଇ ସେତେବେଳେ ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର କିଛି ସୁଫଳ ମିଳିନଥିଲା। ପରେ କଥା ଜଣାପଡିଥିଲା, ହେଲେ ଆଉ ଝିଅକୁ ଫେରାଇନେବା ପରିସ୍ଥିତି ନଥିଲା। ଏଭିତରେ ରାନୁ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ତେଣୁ ସେମାନେ ଧୀରେ ଧୀରେ ସମ୍ପର୍କ ରଖିବାକୁ ଚେଷ୍ଟା ଚଳାଇଥିଲେ। ମାତ୍ର ଘର ତିଆରି ପାଇଁ ବାପଘରୁ ୫୦ ହଜାର ଟଙ୍କା ଆଣିବା ପାଇଁ ରାନୁଙ୍କ ଉପରେ ପ୍ରଭାତ ଚାପ ପକାଉଥିଲେ ବୋଲି ଆଜି ଭ୍ରମର ଅଭିଯୋଗ ଆଣିଛନ୍ତି। ଟଙ୍କା ନଦେବାରୁ ସେ ରାନୁକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପ୍ରଭାତ ଭିନ୍ନ ଏକ ଅଭିଯୋଗ ଆଣିଛି। ତାଙ୍କ ସୂଚନାନୁସାରେ ତାଙ୍କ କାମରେ ହେଲ୍‌ପରଭାବେ କାମ କରୁଥିବା ଜଣେ ଯୁବକଙ୍କ ସହ ରାନୁଙ୍କ ଅନୈତିକ ସମ୍ପର୍କକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଗତ କିଛି ଦିନ ହେଲା ବିବାଦ ଲାଗି ରହିଥିଲା। ତେଣୁ ଲୋକଲଜ୍ଜା ପାଇଁ ରାନୁ ଆତ୍ମହତ୍ୟା କରିଛନ୍ତି। ତେବେ ପୁଲିସ ତଦନ୍ତ ଆରମ୍ଭ ହୋଇଛି ଓ ପରେ ସବୁ କଥା ଜଣାପଡିବ ବୋଲି ପୁଲିସ ସୂଚନା ଦେଇଛି।

# କାଜୁ ନିଗମ ଅଧ୍ୟକ୍ଷଙ୍କ ସରକାରୀ କ୍ୱାର୍ଟର୍ସରେ ଦୁଷ୍କର୍ମ

## ୧୬ ଦିନ ପରେ ମାମଲା ରୁଜୁ କଲା ପୁଲିସ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୪।୩(ଇମିସ): କାଜୁ ନିଗମ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ବିକ୍ରମ ବର୍ମାଙ୍କ ସରକାରୀ କ୍ୱାଟର୍ସ ଭିତରେ ଦୁଷ୍କର୍ମ। ବିକ୍ରମ ବର୍ମାଙ୍କ ଅଦର୍ଲିଙ୍କୁ ତାଙ୍କ ଓ୍ୱାଚ୍‌ମ୍ୟାନ୍ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଅଦର୍ଲି ମହିଳା ଜଣକ ଗତ ଫେବ୍ରୁଆରି ମାସ ୨୬ ତାରିଖରେ ମହିଳା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଘଟଣା ବିକ୍ରମ ବର୍ମାଙ୍କ କ୍ୱାଟର୍ସରେ ଘଟିଥିବାରୁ ମହିଳା ଥାନା ପୁଲିସ ଅଭିଯୋଗକୁ ଯଥା ସମ୍ଭବ ଚାପି ଦେବାକୁ ଉଦ୍ୟମ କରିଥିଲା। ଏପରିକି ପୁଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରିବାକୁ ସ୍ପଷ୍ଟ ଭାବେ ମନା କରି ଦେଇଥିଲା । ଶେଷରେ ମହିଳା ଜଣକ ପୁଲିସ କମିସନର ଡ଼ ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ଭେଟିବା ପରେ ଗତ ଦୁଇ ଦିନ ତଳେ ମହିଳା ଥାନାରେ ମାମଲା ରୁଜୁ ହୋଇଥିଲା। ଦୁଷ୍କର୍ମ କରିଥିବା ଅଭିଯୋଗରେ ମହିଳା ଥାନା ପୁଲିସ ଓ୍ୱାଚ୍‌ମ୍ୟାନ୍ ଭରତ ଚନ୍ଦ୍ର ନାଏକ(୪୨)ଙ୍କୁ କ୍ୟାପିଟାଲ୍ ଥାନା ଅଧୀନ ୟୁନିଟ-୨ ଭିଏ-୩୬/୨ରେ ଥିବା ବିକ୍ରମ ବର୍ମାଙ୍କ କ୍ୱାଟର୍ସରୁ ଗିରଫ କରିଛି। ତାଙ୍କ ନିଜ ଘର କଟକ ଜିଲ୍ଲା ମାହାଙ୍ଗା ଥାନା ଅଧୀନ ଅଲ୍ଲୀପୁରରେ। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ମହିଳା ଥାନାରେ କେସ୍ ନମ୍ବର୬୬/୧୪ ଦଫା ୩୭୬( ଦୁଷ୍କର୍ମ), ୩୦୭( ହତ୍ୟା ଉଦ୍ୟମ) ୩୭୯( ଚୋରି)ରେ ଏକ ମାମଲା ରୁଜୁ ହୋଇଛି।

ପୀଡିତା ମହିଳାଙ୍କ କହିବା ଅନୁଯାୟୀ ସେ ଅଦର୍ଲି ଭାବେ କାମ କଲା ଦିନଠାରୁ ଭରତ ତାଙ୍କୁ ଭିନ୍ନ ଦୃଷ୍ଟିରେ ଦେଖି ଆସୁଥିଲା। ଗତମାସ ଫେବ୍ରୁଆରି ୨୫ ତାରିଖ ରାତିରେ ସେ ଶୋଇଥିବାବେଳେ ହଠାତ୍ ଭରତ ତାଙ୍କ ନିକଟରେ ପହଞ୍ଚି ଦୁଷ୍କର୍ମ କରିଥିଲା। ପୀଡିତା ଜଣକ ଚିତ୍କାର କରିବାରୁ ଭରତ ତାଙ୍କ ପାଟିକୁ ଚାପି ରଖିଥିଲା। କିଛି ସମୟରେ ଭରତ ତାଙ୍କୁ ସେହି କ୍ୱାଟର୍ସରୁ ବାହାର କରି ଦେଇଥିଲା। ପୀଡ଼ିତା ମହିଳା ଜଣକ ସେହି ରାତିରେ ବେଡ୍‌ସିଟ୍ ଓ ତକିଆ ଧରି ମହିଳା ଥାନାରେ ପହଞ୍ଚିଥିଲେ। କିନ୍ତୁ ମହିଳା ଥାନା ଗେଟ୍‌ରେ ତାଲା ପଡିଥିଲା। ରାତି ଭରି ସେଠାରେ ବସି ରହି ସକାଳୁ ଅଭିଯୋଗ କରିଥିଲେ। କିନ୍ତୁ ଘଟଣା କାଜୁ ନିଗମ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକଙ୍କ ସରକାରୀ କ୍ୱାଟର୍ସ ଘଟି ଥିବାରୁ ପୁଲିସ ମହିଳାଙ୍କ ଅଭିଯୋଗକୁ ଗ୍ରହଣ କରିବାକୁ ସ୍ପଷ୍ଟ ଭାବେ ମନା କରିଥିଲା। ବାରମ୍ବାର ଥାନାକୁ ଦୌଡିଥିଲେ ମଧ୍ୟ ତାଙ୍କୁ ଥାନା ବାରଣ୍ଡା ଉପରକୁ ଉଠିବାକୁ ଦେଇ ନ ଥିଲା ପୁଲିସ୍। ଦୂର୍‌ଦୂର୍ ମାର୍‌ମାର୍ କରି ତଡ଼ି ଦେଇଥିଲେ।

ଶେଷରେ ଏ ନେଇ ମହିଳା ଜଣକ ପୁଲିସ ଡିସିପି ଓ ନୀତିନଜିତ୍ ସିଂହ ଓ ପୁଲିସ କମିସନର ଡ଼ ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ ପର୍ଯ୍ୟାୟକ୍ରମେ ଚଳିତ ମାସର ୭ ତାରିଖ ଓ ୧୧ ତାରିଖରେ ଭେଟି ଅଭିଯୋଗ କରିଥିଲେ। ପୁଲିସ କମିସନର ଡ଼ ଶର୍ମାଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ମହିଳା ଥାନା ପୁଲିସ ପୀଡିତା ମହିଳାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ନେଇ ଡାକ୍ତରୀ ମାଇନା କରାଇବା ପରେ ଅଭିଯୋଗକୁ ଗ୍ରହଣ କରିଥିଲା। ଗତକାଲି ବିଳମ୍ବିତ ରାତିରେ ବିକ୍ରମ ବର୍ମାଙ୍କ ସରକାରୀ କ୍ୱାଟର୍ସରେ ଚଢ଼ଉ କରି ପୁଲିସ ଭରତଙ୍କୁ ଗିରଫ କରିଥିଲା। ତାଙ୍କର ଆଜି କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ୍ ପଠାଇ ଦିଆଯାଇଛି।

ବଡ଼ କଥା ହେଉଛି ମହିଳା ସଂକ୍ରାନ୍ତୀୟ ସମସ୍ତ ଅଭିଯୋଗକୁ ଅବିଳମ୍ବେ ଗ୍ରହଣ କରିବାକୁ ପୁଲିସର ବରିଷ୍ଠ ଅଧିକାରୀମାନେ କହୁଥିବାବେଳେ ତାଙ୍କ ତଳିଆ କର୍ମଚାରୀମାନେ କଥାକୁ ଗୁରୁତ୍ୱ ଦେଉ ନାହାନ୍ତି। ବରଂ ଅଭିଯୋଗକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ଫଳରେ ଦୁଷ୍କର୍ମ ଶିକାର ହୋଇଥିବା ଜଣେ ମହିଳା ନ୍ୟାୟ ପାଇବା ପାଇଁ ଥାନାକୁ ଦୌଡି ନରାଶ ହେବାର ୧୪ ଦିନ ପରେ ପୁଲିସ ମାମଲା ରୁଜୁ କରୁଛି। ଏପରିକି ଅଭିଯୋଗର ୪୮ ଘଣ୍ଟା ପରେ ମଧ୍ୟ ପୁଲିସ ପକ୍ଷରୁ ତାଙ୍କୁ ଏତଲା କପି ଦିଆଯାଇ ନ ଥିବା ପୀଡିତା ଜଣକ କହିଛନ୍ତି॥

# ଦେହରେ ନିଆଁ ଲଗାଇ ସ୍ତ୍ରୀ ମୃତ, ସ୍ୱାମୀ ଗିରଫ

ନୂଆପଡ଼ା, ୧୯।୩(ଇମିସ): ପରିବାରର କୌଣସି ସମସ୍ୟାକୁ ନେଇ ଜଣେ ମହିଳା ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ପୁଲିସ୍ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ମହିଳାଙ୍କ ମା' ତାଙ୍କ ଝିଅକୁ କିରୋସିନ ଢାଳି ନିଆଁ ଲଗାଇ ପୋଡ଼ି ମାରି ଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାଟି ଘଟିଛି ନୂଆପଡ଼ା ଥାନା ଅନ୍ତର୍ଗତ ମହୁଲଭଙ୍ଗା ଗାଁରେ।

ଏହି ଗାଁର ଉଦେଶ୍ୟାମ ରଣା ଛତିଶଗଡ଼ର କୁନ୍ତିବାଇ ରଣାଙ୍କ ଝିଅ ଅଗ୍ନିବାଇ ରଣା (୩୦)ଙ୍କୁ ବିବାହ କରିଥିଲେ। ସେମାନଙ୍କ ବିବାହକୁ ୧୨ ବର୍ଷ ହୋଇଥିବା ବେଳେ ୩ ବର୍ଷ ହେବ ପାରିବାରିକ ସମସ୍ୟା ଲାଗି ରହିଥିବା ପୁଲିସ୍ ପ୍ରକାଶ କରିଛି। ଏହି ଦମ୍ପତିଙ୍କର ୯ ବର୍ଷର ପୁଅ ଓ ୪ ବର୍ଷର ଝିଅ ରହିଛି। କୌଣସି କାରଣକୁ ନେଇ ଅଗ୍ନିବାଇ ଗତ ୧୭ ତାରିଖ ଦିନ କିରୋସିନ ଢାଳି ଦେହରେ ନିଆଁ ଲଗାଇ ଦେଇଥିବା ତାଙ୍କ ସ୍ୱାମୀ ପ୍ରକାଶ କରିଛନ୍ତି। ଉକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିବା ବେଳେ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ୧୮ ତାରିଖ ଦିନ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଅଗ୍ନିବାଇଙ୍କ ମା' କୁନ୍ତିବାଇ ନୂଆପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅକୁ ଜ୍ୱାଇଁ ଉଦେ କିରୋସିନ୍ ଢାଳି ନିଆଁ ଲଗାଇ ମାରି ଦେଇଛି ବୋଲି ମରିବା ପୂର୍ବରୁ ଅଗ୍ନିବାଇ ପ୍ରକାଶ କରିଥିବା ସେ କହିଛନ୍ତି। ଏନେଇ ପୁଲିସ୍ ଏକ କେସ୍ ରୁଜୁ କରିଛି। ଏହା ପୂର୍ବରୁ ଉକ୍ତ ମହିଳା ୨ ଥର ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିବା ତାଙ୍କ ସ୍ୱାମୀ ପୁଲିସ୍‌ରେ ଅଭିଯୋଗ କରିଥିଲେ। ଏସ୍‌ଆଇ ଉର୍ମିଳା ଲାକ୍ରା ଘଟଣାର ତଦନ୍ତ କରୁଛନ୍ତି।

# ସନ୍ଦେହଜନକ ଅବସ୍ଥାରେ ଯୁବତୀର ଶବ ଉଦ୍ଧାର

ପାପଡାହାଣ୍ଡି,୧୯/୩(ଇମିସ): ଆଜି ବାହାଘର ହେବ ବୋଲି ସବୁ ପ୍ରସ୍ତୁତି ସରିଥିଲା। କିନ୍ତୁ ଗତ ୧୭ତାରିଖ ଦିନ କନ୍ୟା କାହାକୁ କିଛି ନକହି ହଠାତ୍ କେଉଁ ଆଡେ ଚାଲିଗଲା। ପରିବାର ଲୋକ ଖୋଜାଖୋଜି କରିବା ପରେ ତାକୁ କେଉଁଠି ପାଇନଥିଲେ। ଶେଷରେ ଆଜି ସନ୍ଦେହ ଜନକ ଅବସ୍ଥାରେ କନ୍ୟାର ଶବ ମିଳିଲା ଗାଁ ଠାରୁ ପ୍ରାୟ ୧୦କିଲୋମିଟର ଦୂରରେ। ପ୍ରାଥମିକ ତଦନ୍ତ ପରେ ଯୁବତୀ ଜଣକ କୀଟନାଶକ ଖାଇ ମୃତ୍ୟୁ ବରଣ କରିଥିବା ଜଣାପଡିଛି। କିନ୍ତୁ କେହି ତାକୁ ଜୋର କରି କୀଟ ନାଶକ ଦେଇଥିଲା ନା' ସେ ଜାଣିଶୁଣି ଆତ୍ମହତ୍ୟା କରିଛି ସେନେଇ କିଛି ଜଣାପଡି ନାହିଁ। ଯାହାଫଳରେ ଏହି ଘଟଣାକୁ କେନ୍ଦ୍ର କରି ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତରେ ଚାଞ୍ଚଲ୍ୟ ଖେଳି ଯାଇଛି।

ସୂଚନା ଅନୁଯାୟୀ, ମାନିଗାଁର ଭାରତୀ ସିଂହ ସହ ନବରଙ୍ଗପୁର ନିକଟସ୍ଥ ହରପାଲି ଗାଁର ଜଣେ ଯୁବକ ସହ ବିବାହ ସ୍ଥିର ହୋଇଥିଲା। ଏଥିପାଇଁ ଦୁଇ ପରିବାର ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରି ଦେଇଥିଲେ। କିନ୍ତୁ ହୋଲି ଦିନ ଭାରତୀ କାହାକୁ କିଛି ନକହି ଘରୁ କଉଁ ଆଡେ ଚାଲି ଯାଇଥିଲା। ପରିବାର ପକ୍ଷରୁ ଖୋଜାଖୋଜି କରିବା ପରେ ବି ସନ୍ଧାନ ନମିଳିବାରୁ ଚିନ୍ତାରେ ଥିଲେ। ଏହାପରେ ଆଜି ସକାଳେ ପରିବାର ଲୋକ ଜଣେ ଯୁବତୀର ଶବ ସନ୍ଦେହ ଜନକ ଅବସ୍ଥାରେ ଗାଁ ଠାରୁ ୧୦କିଲୋମିଟର ଦୂରରେ ପଡିଥିବା ଖବର ପାଇଥିଲେ। ତେଣୁ ଆଶଙ୍କା ମଧ୍ୟରେ ପରିବାର ଲୋକ ଯାଇ ଦେଖିବା ବେଳକୁ ତାହା ଭାରତୀର ଶବ ଥିଲା। ଘଟଣା ସ୍ଥଳରୁ ହିଁ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କିନ୍ତୁ ବିବାହର ଦିନକ ପୂର୍ବରୁ କନ୍ୟାର ସନ୍ଦେହ ଜନକ ଅବସ୍ଥାରେ ଶବ ମିଳିବା ଘଟଣା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଥିଲା। ତଥାପି ପ୍ରାଥମିକ ତଦନ୍ତରୁ କୀଟନାଶକ ଖାଇବାରୁ ହିଁ ଭାରତୀର ମୃତ୍ୟୁ ହୋଇଥିବା ପୁଲିସ ଜାଣିବାକୁ ପାଇଥିଲା। ଏହି ସୂରାକକୁ ଆଧାର କରି ପୁଲିସ ତଦନ୍ତ ଆଗେଇ ଥିଲେ ହେଁ ଭାରତୀର ମୃତ୍ୟୁ ହତ୍ୟା ନା' ଆତ୍ମହତ୍ୟା ଜାଣିବା ପୁଲିସ ପାଇଁ କଷ୍ଟକର ହୋଇଥିଲା। ଅନ୍ୟପଟେ ଗ୍ରାମବାସୀ ବହୁ କଥା ଆଲୋଚନା ଆରମ୍ଭ କରିଛନ୍ତି। ଭାରତୀକୁ ଜୋର କରି କୀଟନାଶକ ଦେଇ ହତ୍ୟା କରାଯାଇଥିବା କିଛି ଜଣ କହୁଥିବା ବେଳେ କିଛି ଜଣ ବିବାହ ପାଇଁ ସେ ଅନିଚ୍ଛା ପ୍ରକାଶ କରି ଏଭଳି ଚରମ ପଦକ୍ଷେପ ଗ୍ରହଣ କରିଥିବା କହୁଛନ୍ତି। ଶବ ବ୍ୟବଚ୍ଛେଦରୁ ଭାରତୀ ଆତ୍ମହତ୍ୟା କରିଥିବା ଜଣାପଡୁଛି ବୋଲି ଡାବୁଗାଁ ଥାନା ଆଇଆଇସି ପ୍ରକାଶ କରିଥିଲେ ହେଁ ସ୍ଥାନୀୟ ଲୋକ ଏହାକୁ ମାନିବାକୁ ନାରାଜ। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି ହୋଇଛି।

# ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୨୦।୩(ଇମିସ): ଜଣେ ନବ ବିବାହିତ ମହିଳାଙ୍କୁ ତାଙ୍କ ପତି, ଶ୍ୱଶୁର ଓ ଶାଶୁ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ମହିଳା ଥାନାରେ ଅଭିଯୋଗ ହୋଇଛି। ଏନେଇ ସଂପୃକ୍ତ ମହିଳା ମଧୁଲତା ଆଚାର୍ଯ୍ୟ ଥାନାରେ ଅଭିଯୋଗ କରିବା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ମୁତାବକ, ଲକ୍ଷ୍ମୀସାଗର ଥାନା ଅଧୀନ ଝାରପଡ଼ା ମହାଦେବନଗରରେ ରହୁଥିବା ମଧୁଲତା ୨୦୧୦ ମସିହାରେ ପୁରୀର ଦେବାଶିଷ ମିଶ୍ରଙ୍କୁ ବିବାହ କରିଥିଲେ। ଦେବାଶିଷଙ୍କ ପକ୍ଷରୁ ଦାବି ଅନୁଯାୟୀ ଯୌତୁକ ବାବଦ ୩ ଲକ୍ଷଟଙ୍କା, ସୁନାଗହଣା, ଆସବାବ ପତ୍ର, ଟିଭି, ଫ୍ରିଜ୍, ଓ୍ୱାସିଂ ମେସିନ୍ ଆଦି ଦିଆଯାଇଥିଲା। କିନ୍ତୁ ବିବାହର ମାତ୍ର କିଛି ଦିନ ପରେ ମଧୁଲତା ତାଙ୍କ ବାପ ଘରୁ ଅଧିକ ୨ ଲକ୍ଷ ଟଙ୍କା ଆଣିବାକୁ ଶ୍ୱଶୁର ଘର ଲୋକ କହିଥିଲେ। ଏଥିପାଇଁ ଦେବାଶିଷଙ୍କ ବାପା ରଘୁନାଥ ଓ ମା' ସୌଦାମିନୀ ପ୍ରଥମେ ମଧୁଲିତାଙ୍କୁ ମାନସିକ ଓ ପରେ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ପରେ ପତି ଦେବାଶିଷ ମଧ୍ୟ ସେମାନଙ୍କ ସହିତ ମିଶି ମାଡ଼ ଓ ଗାଳିଗୁଲଜ କରିଥିଲେ ବୋଲି ମଧୁଲତା ଥାନାରେ ଅଭିଯୋଗ କରିଛନ୍ତି।

ମଧୁଲତାଙ୍କ ପକ୍ଷରୁ ମାମଲା ଲଢୁଥିବା ଆଇନଜୀବୀ ଜିନୁ କର କହିଛନ୍ତି ଏ ନେଇ ମହିଳା ଥାନା ପୁଲିସ କେସ ନମ୍ବର ୭୮/୧୪ ଦଫା ୪୯୮(ଏ)/୩୨୩/୨୯୪/୫୦୬/୩୪ ଆଇପିସି ଓ ୪ ଡିପି ଆକ୍ଟରେ ଏକ ମାମଲା ରୁଜୁ କରିଛି। ଏ ସମ୍ପର୍କରେ ମହିଳା ଥାନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ମଧୁଲତା ଅଭିଯୋଗ କରିବା ପରେ ପୁଲିସ ବର୍ତମାନ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଛି। ଖୁବ୍ ଶୀଘ୍ର ଅଭିଯକ୍ତମାନେ ଗିରଫ ହେବେ।

# ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

ସମ୍ବଲପୁର, ୨୧ ।୩ (ଇମିସ): ସଦର ଥାନା ଅନ୍ତର୍ଗତ ମାନେଶ୍ୱର ନିକଟସ୍ଥ ବାଙ୍କିଟିକିରା ଫଟାମୁଣ୍ଡା ଗାଁର ଲୋଚନ ନାଏକ (୫୨) ନିଜ ପତ୍ନୀ ସନ୍ତୋଷିନୀ(୫୦)ଙ୍କୁ ଟାଣିଆରେ ହାଣି ହତ୍ୟା କରିଛି। ଗତକାଲି ଅପରାହ୍ନରେ ଏହି ଅଘଟଣ ଘଟିଛି। ତେବେ ପୁଲିସ୍ ପାଖକୁ ବିଳମ୍ବରେ ଖବର ପହଂଚିଥିଲା। ସୂଚନା ଅନୁସାରେ, ପ୍ରାୟ ୨୦ବର୍ଷ ହେଲା ଉକ୍ତ ଗାଁରେ ସ୍ୱାମୀ-ସ୍ତ୍ରୀ ରହୁଥିଲେ। ଲୋଚନ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲା। କିଛି ଦିନ ତଳେ ଘରେ ପାଳିଥିବା ଗାଈକୁ ଲୋଚନ ବିକ୍ରି କରି ଦେଇଥିଲା। ଏହି କଥାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଲୋଚନ ଏକ ଧାରୁଆ ଟାଙ୍ଗିଆରେ ସନ୍ତୋଷିନୀଙ୍କୁ ଆକ୍ରମଣ କରିଥିଲା। ସେଠାରେ ହିଁ ସନ୍ତୋଷିନୀଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଘଟଣାସ୍ଥଳରେ ରକ୍ତଭିଜା ମାଟିକୁ ଲୋଚନ ଗୋବରରେ ପୋଛି ଦେଇଥିଲା। ଏତିକିରେ ମଧ୍ୟ ଲୋଚନର ରାଗ ଶାନ୍ତ ପଡ଼ିନଥିଲା। ଘରେ ପାଳିଥିବା ୧୦ଟି ମେଣ୍ଢାକୁ ନକ୍ସାପାଲିକୁ ନେଇ ବିକ୍ରିକରି ସେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଆଜି ସକାଳେ ଘଟଣାସ୍ଥଳକୁ ଡିଏସ୍‌ପି ମନୋରଂଜନ ପ୍ରଧାନ, ସଦର ଥାନାଧିକାରୀ ରସ୍ମିତା ବେହେରା ସାଇଣ୍ଟିଫିକ୍ ଟିମ୍ ସହ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ହତ୍ୟାକାଣ୍ଡସ୍ଥଳୀରୁ ରକ୍ତଭିଜା ଟାଙ୍ଗିଆ ଜବତ ହୋଇଛି।

# ଯୌତୁକ ନିର୍ଯାତନା ଘଟଣାରେ ୩ ଗିରଫ, ସ୍ୱାମୀ ଫେରାର

ପୁରୁଣା ଭୁବନେଶ୍ୱର, ୨୧।୩(ଇମିସ): ଶାଶୂ ଘରେ ନିର୍ଯାତିତ ହେବା ନେଇ ଆଜି ଜଣେ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ନାଁ ଜ୍ୟୋତ୍ସ୍ନା ନାୟକ(୨୫)। ଘର ଏୟାରଫିଲ୍ଡ ଥାନା ଅଧୀନ ଭିମଟାଙ୍ଗୀ ହାଉସିଂବୋର୍ଡ କଲୋନି ଏଲ୍‌ବି ୩୧୦ରେ। ଏନେଇ ମହିଳା ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶ୍ୱଶୁର, ଶାଶୂ ଓ ନଣନ୍ଦଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ପୀଡ଼ିତାଙ୍କ ସ୍ୱାମୀ ଏବେ ଫେରାର ଅଛନ୍ତି ବୋଲି ଥାନା ସୂତ୍ରରୁ ଜଣାପଡ଼ିଛି।

ପୁଲିସ ଅନୁଯାୟୀ ଜ୍ୟୋତ୍ସ୍ନା ଗତବର୍ଷ ଫେବୃଆରି ୧୩ ତାରିଖରେ କଅଁରପୁର ନିବାସୀ ହୃଷିକେଶ ଜେନାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦରେ ୧ଲକ୍ଷ ୩୫ହଜାର ଟଙ୍କା, ବାଇକ୍, ସୁନା ଚେନ୍, ମୁଦି, ବ୍ରେସ ଲେଟ୍, ଘଣ୍ଟା ଓ ପୋଷାକ ବାବଦରେ ୨୦ହଜାର ଟଙ୍କା ଶ୍ରୀ ଜେନାଙ୍କୁ ଦିଆଯାଇଥିଲା। ଜ୍ୟୋତ୍ସ୍ନା ମଧ୍ୟ ୧୦ଭରି ସୁନାଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଯୌତୁକ ଆକାରରେ ନେଇଥିଲେ। ତେବେ ବିବାହର ୨୫ଦିନ ପରେ ଜ୍ୟୋତ୍ସ୍ନାଙ୍କ ସ୍ୱାମୀ ଓ ଶ୍ୱଶୁର ବାପଘରୁ ୫ଲକ୍ଷ ଟଙ୍କା ଆଣିବାକୁ ବାଧ୍ୟ କରିଥିଲେ। ଜ୍ୟୋତ୍ସ୍ନାଙ୍କ ପରିବାର ପକ୍ଷରୁ ଏନେଇ ୨ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ବାକି ୩ଲକ୍ଷ ଟଙ୍କା ପାଇଁ ତାଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ମହିଳା ଥାନାରେ ଅଭିଯୋଗ ହେବା ପରେ ପୁଲିସ ଶ୍ୱଶୁର ଧନେଶ୍ୱର ଜେନା, ଶାଶୂ ସଞ୍ଜୁବାଳା ଓ ନଣନ୍ଦ ସ୍ୱର୍ଣପ୍ରଭା ରୋଜ୍ଝାୟତଙ୍କୁ ଗିରଫ କରିଛି। ତେବେ ଜ୍ୟୋତ୍ସ୍ନାଙ୍କ ସ୍ୱାମୀ ହୃଷିକେଶ ଫେରାର ହୋଇ ଯାଇଛନ୍ତି।

ଅପରପକ୍ଷରେ ଜ୍ୟୋତ୍ସ୍ନା ରହୁଥିବା ଭିମଟାଙ୍ଗୀ ଘରେ କେତେକ ଅସାମାଜିକ ଲୋକ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଢେଲା ପଥର ମାଡ଼ କରୁଛନ୍ତି। ଥାନାରୁ ମାମଲା ପ୍ରତ୍ୟାହାର ନ କଲେ ଜୀବନରୁ ମାରି ଦେବାର ଧମକ ଦେଉଥିବା ସେ କହିଛନ୍ତି।

## ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଯୌନ ନିର୍ଯାତନା ମାମଲା

# ସିଫା ଗେଟ୍‌ରେ ପୁଣି ପୀଡ଼ିତାଙ୍କ ଧାରଣା

ପିପିଲି, ୧୨।୩ (ଇମିସ): କେନ୍ଦ୍ରୀୟ ମଧୁରଜଳ ମତ୍ସ୍ୟ ଗବେଷଣା କେନ୍ଦ୍ର(ସିଫା)ର ନିର୍ଦ୍ଦେଶକ ଓ ତାଙ୍କର ପତ୍ନୀ ଜଣେ ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଶାରୀରିକ, ମାନସିକ ନିର୍ଯାତନା ସହ ଯୌନ ନିର୍ଯାତନା ଦେଇଥିବା ପିପିଲି ଥାନାରେ ଅଭିଯୋଗ ହୋଇଥିଲା। ତେବେ ଅଭିଯୋଗ ଉପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ପୀଡ଼ିତା ଜଣଙ୍କ ଆଜି ପୁଣିଥରେ ସିଫା ଗେଟ୍ ଆଗରେ ଧାରଣାରେ ବସିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ସେ ଦାବି କରିଛନ୍ତି। ତାଙ୍କ ଦାବିକୁ ସମର୍ଥନ କରି କିଛି ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟା ମଧ୍ୟ ଧାରଣାରେ ସାମିଲ ହୋଇଥିଲେ।

ସୂଚନା ଅନୁଯାୟୀ, ପିପିଲି ଥାନା ଉତରାଶାସନ ଅଞ୍ଚଳର ମହିଳା ସିକ୍ୟୁରିଟି ଗାର୍ଡ ସୁଜାତା(ଛଦ୍ମନାମ, ୩୨) ଏକ ସିକ୍ୟୁରିଟି ସଂସ୍ଥା ଦ୍ୱାରା ସିଫାରେ ନିୟୋଜିତ ହୋଇଥିଲେ। ତେବେ ସିଫା ନିର୍ଦ୍ଦେଶକ ପି. ଜୟଶଙ୍କର ତାଙ୍କୁ ଜୋରଜବରଦସ୍ତ ନିଜ ଘରକାମରେ ଲଗାଉଥିବା ବେଳେ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ ବୋଲି ସୁଜାତା ଅଭିଯୋଗ କରିଛନ୍ତି। ଏପରିକି ନିର୍ଦ୍ଦେଶକଙ୍କ ପତ୍ନୀ ମଧ୍ୟ ତାଙ୍କୁ ଏହି ଅନୈତିକ କାର୍ଯ୍ୟ କରିବାକୁ ବାଧ୍ୟ କରୁଥିଲେ। ଏହାର ପ୍ରତିବାଦ କରିବାରୁ ସ୍ୱାମୀ-ସ୍ତ୍ରୀ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ସୁଜାତା ଗତ ଜାନୁଆରୀ ୩୧ତାରିଖରେ ପିପିଲି ଥାନାରେ ଏତଲା ଦେଇଥିଲେ। ପୁଲିସ ପ୍ରଥମେ ଏତଲା ଗ୍ରହଣ କରିନଥିଲେ ମଧ୍ୟ ପରେ ଅଭିଯୋଗ ଭିତ୍ତିରେ କେସ୍ ନଂ. ୩୬/୧୪ରେ ଏକ ମାମଲା ରୁଜୁ କରିଥିଲା। ତେବେ ସେବେଠାରୁ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିନଥିବା ବେଳେ ଏଦିଗରେ କୌଣସି ପଦକ୍ଷେପ ମଧ୍ୟ ନେଇନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ଅଭିଯୁକ୍ତମାନଙ୍କ ଗିରଫ ଦାବିକରି ପୀଡ଼ିତାଜଣଙ୍କ ଗତ ୧ତାରିଖରେ ସିଫା ଗେଟ୍ ଆଗରେ ଧାରଣା ଦେଇଥିଲେ। ସେତେବେଳେ ୧୦ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରତିଶ୍ରୁତି ପାଳନରେ ପୁଲିସ ବିଫଳ ହେବାରୁ ଆଜି ଦ୍ୱିତୀୟ ଥର ପାଇଁ ପୀଡ଼ିତା ସିଫା ଗେଟ୍ ଆଗରେ ଧାରଣାରେ ବସିଛନ୍ତି। ତାଙ୍କ ପାଇଁ ନ୍ୟାୟ ଦାବି କରି ଏକାମ୍ର ବିକାଶ ମଞ୍ଚର ଅଧ୍ୟକ୍ଷା ରଶ୍ମି ମହାପାତ୍ର, ସ୍ୱୟଂସିଦ୍ଧା ମହିଳା ସଂଗଠନର ରେଣୁବାଳା ବୈରିସଲ, ରାଜାରାଣୀ ମହିଳା ସଂଗଠନର ସୁଦେଷ୍ଣା ମହାରଣା, ସମାଜସେବୀ ସୁଷମା ପଟ୍ଟନାୟକ, ସଂଘମିତ୍ରା ଦାଶ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଛନ୍ତି। ପୀଡ଼ିତା ସୁଜାତା ଗତ ୩ ତାରିଖରେ ରାଜ୍ୟ ମାନବାଧିକାର କମିସନ୍‌ଙ୍କୁ ଭେଟି ନ୍ୟାୟ ପାଇଁ ନିବେଦନ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ରିପୋର୍ଟ ଦେବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବଭଳି ସିଫା ନିର୍ଦ୍ଦେଶକ ଏହି ଅଭିଯୋଗକୁ ଦୃଢ଼ଭାବେ ଖଣ୍ଡନ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପିପିଲି ପୁଲିସ ପକ୍ଷରୁ ଧାରଣାସ୍ଥଳରେ ଫୋର୍ସ ମୁତୟନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯାଇ ଦୁର୍ଘଟନାର ଶିକାର

# ଚିକିତ୍ସା ପାଇଁ ମହିଳା ବାରଦ୍ୱାର

ବଣାଇଁଗଡ଼, ୨୧/୩(ଇମିସ): ଗତମାସ ୨୩ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲହୁଣିପଡ଼ା ବ୍ଲକର ସୁଆରପାଲି ଠାରେ ଏକ ସରକାରୀ କାର୍ଯ୍ୟକ୍ରମରେ ଆସି ଉଦ୍‌ବୋଧନ ଦେଉଥିଲେ। ଏହି ସଭା କାର୍ଯ୍ୟ କଲେଇପୋଷ- ବାହାଡାପୋଷି ରାସ୍ତାକଡ଼ରେ ହେଉଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ଜଣେ ଆଦିବାସୀ ପାଉଡିଭୂୟାଁ ମହିଳା ଡ଼ଙ୍ଗ ଦେହୁରୀ(୫୪)

**▶▶ ଦୁଃଖ ଶୁଣିବାକୁ କେହି ନାହିଁ**

**▶▶ ଅପରେସନ ପାଇଁ ୧୦ ହଜାର ନ ଦେବାରୁ ଆରଜିଏଚ୍‌ରୁ ଡାକ୍ତର ବାହାର କରିଦେଲେ**

**▶▶ ହାତ ଟେକିଲା ପ୍ରଶାସନ**



ସଭା କାର୍ଯ୍ୟ ସମ୍ମୁଖ ରାସ୍ତା ପାର ହେଉଥିବାଳେ ତାଙ୍କୁ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ତାଙ୍କର ଡାହାଣ ଗୋଡ ଉପରେ ଟ୍ରକଟି ଚଢ଼ି ଯିବାରୁ ସେ ଗୁରୁତର ହୋଇ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏପଟେ ନବୀନଙ୍କ ସଭା ପରେ ସରକାର ବାବୁ ଓ ବିଜେଡି ନେତାମାନେ ସେମାନଙ୍କ କାମ ସାରି ଚାଲିଯାଇଥିବାବେଳେ ବଣାଇଁ ଉପଜିଲ୍ଲାପାଳ ରମାକାନ୍ତ ନାୟକ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଧରାଇ ଦେଇ ତାଙ୍କର କର୍ତ୍ତବ୍ୟ ଶେଷ କରି ଦେଇଥିଲେ। ଗରିବ ଆଦିବାସୀ ପାଉଡିଭୂୟାଁ ମହିଳାଙ୍କ ଘର ପାଉଡି ଭୂୟାଁ ଅଂଚଳ ଭାବେ ପରିଚିତ ଉସକଳା ହୋଇଥିବାବେଳେ ସେ ତା ପୁଅ ସଗା ଦେହୁରୀ ସହିତ ଖୁଣ୍ଟଗାଁ ଗ୍ରାମର ବକୁଳି ପଟ୍ଟନାୟକଙ୍କ ଘରେ ରହି ପୁଅ ହଳିଆ ଭାବେ କାର୍ଯ୍ୟ କରିଆସୁଥିଲା। ସେମାନଙ୍କର ଆର୍ଥିକ ଅବସ୍ଥା ଖୁବ ଶୋଚନୀୟ ଥିବାବେଳେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଏଣେ ଗତକାଲି ରାଉରକେଲା ସରକାରୀ ଚିକିତ୍ସାଳୟରେ ଅପରେସନ ପାଇଁ ୧୦ ହଜାର ଟଙ୍କା ଦାଖଲ କର ନଚେତ ଏଠାରୁ ବାହାରି ଯାଅ କହି ସେମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଜବରଦସ୍ତ ବାହାର କରି ଦେଇଥିଲେ। ଏହି ଘଟନା ବଣାଇଁର ଜଣେ ମହିଳା ସାମାଜିକ କର୍ମୀ ଜାଣିବା ପରେ ଗତକାଲି ରାତ୍ରି ୧୨ଟା ସମୟରେ ରାଉରକେଲା ଯାଇ ତାଙ୍କୁ ଆଣି ନିଜ ଘରେ ରଖିଥିଲେ। ପୁଣି ଆଜି ସକାଳେ ସେ ରାଉରକେଲା ଯାଇ ଡାକ୍ତରଙ୍କୁ ଚିକିତ୍ସାର ବିବରଣୀ ମାଗିଥିଲେ ମଧ୍ୟ ସେମାନେ ନାନା ଆଳ ଦେଖାଇ ସାମାଜିକ କର୍ମୀଙ୍କୁ ଧମକ ଚମକ ଦେଇ ବାହାର କରିଦେଇଥିଲେ। ଶେଷରେ ସେ ଏବଂ ମହିଳାଙ୍କ ପରିବାରବର୍ଗଙ୍କୁ ନେଇ ଆଜି ଅପରାହ୍ଣରେ ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏ ସଂପର୍କରେ ଜଣାଇଥିଲେ। ତେବେ ଉପଜିଲ୍ଲାପାଳ ରମାକାନ୍ତ ନାୟକ ମୁଁ କିଛି କରି ପାରିବି ନାହିଁ ବୋଲି ହାତ ଟେକି ଦେଇ ସେଠାରୁ ଚାଲିଯିବାକୁ କହିଥିଲେ। ତେବେ ମହିଳା ସାମାଜିକ କର୍ମୀ ଜଣଙ୍କ ସଂଧ୍ୟାରେ ପୀଡ଼ିତା ମହିଳାଙ୍କୁ ନେଇ ତାଙ୍କର ଗୋଡ଼ରୁ ରକ୍ତସ୍ରାବ ହେଉଥିବାବେଳ ବଣାଇଁ ଉପଖଣ୍ଡ ଚିକିତ୍ସାଳୟର ମହିଳା ୱାର୍ଡରେ ଶଯ୍ୟା ନଥିବାରୁ ବର୍ତ୍ତମାନ ତଳେ ରଖି ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ତେବେ ତାଙ୍କୁ ଏଠାରେ ଅସ୍ତ୍ରୋପଚାରର ସୁବିଧା ନଥିବା ତାଙ୍କୁ ନେଇ ବୁର୍ଲା ଭିଏସଏସ ମେଡିକାଲକୁ ନେଇ ଚିକିତ୍ସା କରିବା ପାଇଁ ପରାମର୍ଶ ଦେଇଛନ୍ତି। ତେବେ ସେ ଜଣେ ଗରିବ ପରିବାର ହୋଇ ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯାଇ ଗୋଡ ହରାଇ ଚିକିତ୍ସା ପାଇଁ ବାରଦୁଆର ଶୁଙ୍ଘି ପିଣ୍ଡା ହେବା ଘଟନା ଏଠାରେ ବେଶ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ଅଙ୍ଗନବାଡି କେନ୍ଦ୍ରରେ ଅଣ୍ଡା ଖାଇ ୮ ଅସୁସ୍ଥ



ବିନିକା, ୧୫।୩(ଇମିସ): ବିନିକା ଏନ୍‌ଏସି ଅନ୍ତର୍ଗତ ରହିଲା ଗାଁରେ ଥିବା ୧ ନଂ. ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାମାନେ ଶନିବାର ଅପରାହ୍ନରେ ଭାତ ଓ ଅଣ୍ଡା ତରକାରୀ ଖାଇଥିଲେ। ତେବେ ଅଣ୍ଡା ଖାଇବା ପରେ ୧୧ ଜଣଙ୍କ ମଧ୍ୟରୁ ୮ ଜଣ ପିଲା ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ତୁରନ୍ତ ବିନିକା ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ସମସ୍ତ ପିଲା ବାନ୍ତି କରୁଥିବା ଜଣାଯାଇଛି। ଅସୁସ୍ଥଙ୍କ ମଧ୍ୟରେ ଜଗନ୍ନାଥ ବେହେରା (୪), ଗାୟତ୍ରୀ ବେହେରା (୫), ଲିପୁନ ବେହେରା (୪), ଚାନ୍ଦିନୀ ଦଣ୍ଡସେନା (୪), ମାମୁନୀ ଦଣ୍ଡସେନା (୪), କାହ୍ନୁ ସେଠୀ (୩), ପ୍ରିୟଙ୍କା ତରିଆ (୩), ଅଜୁ ଭୋଏ (୪୦) ପ୍ରମୁଖ ରହିଛନ୍ତି। ଏ ସଂପର୍କରେ ଅଙ୍ଗନବାଡି କେନ୍ଦ୍ରର କର୍ମୀ ଜୟନ୍ତୀ ନାଏକଙ୍କୁ ପଚାରିବାରୁ ଏହି ଶିଶୁମାନଙ୍କୁ ଗତକାଲି ଓ ଆଜି ଅଣ୍ଡା, ଭାତ ଦିଆଯାଇଥିଲା। ଶିଶୁମାନେ ଆଜି ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ନିଜ ଘରକୁ ଯାଇଥିଲେ। ଦୁଇ ଘଣ୍ଟା ପରେ ବାନ୍ତି କରିଥିଲେ। ଏହି ଶିଶୁମାନଙ୍କୁ ସେମାନଙ୍କ ପରିବାରବର୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ଥିବା ଜଗନ୍ନାଥଙ୍କୁ ସୋନପୁର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ଆତଙ୍କ ସୃଷ୍ଟି ହୋଇଛି । ପଚା ଅଣ୍ଡା ଯୋଗାଣ ହେଉଥିବା ଅଭିଯୋଗ କରି ଅନେକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ରୋଷେଇ ଠିକ୍‌ଠାକ୍ ଥିବା ସୁପର ଭାଇଜର କନକଲତା ନେପାକ ପ୍ରକାଶ କରିଥିବା ବେଳେ ପଚା ଅଣ୍ଡା ଯୋଗୁଁ ପିଲାମାନେ ଅସୁସ୍ଥ ହୋଇପଡ଼ିଛନ୍ତି ବୋଲି ଚର୍ଚ୍ଚା ହେଉଛି ।

# ଅପହୃତା ନାବାଳିକା କୋଳରେ ଛୁଆ ଧରି ଫେରିଲା

## ଅପହରଣ ମାମଲାରେ ୨ ମହିଳା ଗିରଫ

ପାପଡାହାଣ୍ଡି,୧୨/୩(ଇମିସ): ଗାଁ ନିକଟରୁ ଅପହୃତ ଦଶମ ଶ୍ରେଣୀର ନାବାଳିକା ଛାତ୍ରୀ ୨ବର୍ଷ ପରେ କୋଳରେ ନିଜ ଛୁଆକୁ ଧରି ଗାଁକୁ ଫେରିଛି। ଦୁଇ ବର୍ଷ ହେଲା ଝିଅକୁ ନପାଇ ଚିନ୍ତାରେ ଥିବା ପରିବାର ଏବେ ଆଶ୍ୱସ୍ତ ହୋଇଥିବା ବେଳେ ଘରକୁ ଫେରି ନାବାଳିକା ଜଣକ ବିସ୍ଫୋରକ ସୂଚନା ସବୁ ଦେଇଛି। ଗାଁର ଜଣେ ମହିଳା ହିଁ ତାକୁ ଦୁଇ ବର୍ଷ ତଳେ ପ୍ରଲୋଭିତ କରି ଅପହରଣ କରିଥିଲା। ଟଙ୍କା ଲୋଭରେ ଉକ୍ତ ମହିଳା ଜଣକ ତାକୁ ହରିୟାଣାରେ ବିକ୍ରି କରି ଦେଇଥିଲା। ୫୦ହଜାର ଟଙ୍କାରେ କିଣିଥିବା ବ୍ୟକ୍ତି ଜଣକ ତାକୁ ସେଠାରେ ଜୋର ଜବରଦସ୍ତ ବିବାହ କରି ଗର୍ଭବତୀ କରିଥିଲା। କିଛି ମାସ ତଳେ ସେ ପ୍ରସବ କରିବା ପରେ ସ୍ୱାମୀର ତା' ପ୍ରତି ବିଶ୍ୱାସ ଆସିଥିଲା। ଏହି ବିଶ୍ୱାସର ସୁଯୋଗ ନେଇ ନାବାଳିକା ଜଣକ ନିଜ ଛୁଆ ସହ ସେଠାରୁ ନିଜ ଗାଁକୁ ଖସି ଆସିବାରେ ସଫଳ ହୋଇଥିବା ପ୍ରକାଶ କରିଛି। ଏହି ଘଟଣାର ଖୁଲାସା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଅନ୍ୟପଟେ ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ବ୍ଲକରୁ ଯୁବତୀ ଚାଲାଣ କରୁଥିବା ଏକ ର୍ୟାକେଟର ଚେର ସୁଦୂର ହରିୟାଣା ପର୍ଯ୍ୟନ୍ତ ଲମ୍ବିଥିବା ଏହି ଘଟଣା ଯୋଗୁଁ ସ୍ପଷ୍ଟ ହୋଇଛି।

ସୂଚନା ଅନୁଯାୟୀ, ପାପଡାହାଣ୍ଡି ନିକଟସ୍ଥ ଘାଟଗୁଡା ପଞ୍ଚାୟତର ପାତ୍ରଗୁଡା ଗ୍ରାମରେ ରହୁଥିବା ନାବାଳିକା ଜଣକ ଦୁଇ ବର୍ଷ ତଳେ ଦଳେଇଗୁଡା ସ୍ଥିତ ସେବାଶ୍ରମରେ ଦଶମ ଶ୍ରେଣୀରେ ପଢୁଥିଲା। ଦିନେ ସେ କୌଣସି କାମରେ ସ୍କୁଲ ହଷ୍ଟେଲରୁ ନିଜ ଘରକୁ ଫେରୁଥିଲା। ତେବେ ସେ ଘରେ ପହଞ୍ଚିବା ପୂର୍ବରୁ ପାପଡାହାଣ୍ଡି ଗ୍ରାମର ସାବିତ୍ରୀ ହରିଜନ ତାକୁ ରାସ୍ତାରେ ଭେଟିଥିଲା। ବିଭିନ୍ନ ପ୍ରକାର କଥା କହି ପ୍ରଲୋଭିତ କରି ଜୟପୁର ନେଇ ଯାଇଥିଲା। ସେଠାରୁ ପୁଣି ସୁନାବେଡା ନେଇଯିବା ପରେ ବିକ୍ରମ ନାମକ ଜଣେ ବ୍ୟକ୍ତିଙ୍କ ଘରେ ରାତି ରଖିଥିଲା। ଗୋଟିଏ ରାତି ସୁନାବେଡାରେ ବିତାଇବା ପରେ ସେଠାରୁ ଦୁହେଁ ବିଶାଖାପାଟଣା ଯାଇଥିଲେ ଏବଂ ବିଶାଖାପାଟଣାରୁ ଟ୍ରେନରେ ସିଧା ସୁଦୂର ହରିୟାଣା ଯାଇଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଜଣେ ବ୍ୟକ୍ତି ୫୦ହଜାର ଟଙ୍କା ବିନିମୟରେ ନାବାଳିକାକୁ ସେଠାରେ କିଣି ପରବର୍ତ୍ତୀ ସମୟରେ ଜୋର ଜବରଦସ୍ତ ବିବାହ କରିଥିଲା। ଏହାପରେ ଅଜଣା ଅଚିହ୍ନା ଲୋକଙ୍କ ମଧ୍ୟରେ ଏବଂ ଘର ଠାରୁ ବହୁ ଦୂରରେ ନାବାଳିକା ଜଣକ ଭୟଭୀତ ଅବସ୍ଥାରେ ଦିନ କାଟିଥିଲା। ନିଜ ଲୁହକୁ ଚାପି ଏକ ନିର୍ଜୀବ ଭଳି ଗତ ଦୁଇ ବର୍ଷ ହେଲା ସେ ସେଠାରେ ସମୟ ବିତାଇଥିଲା। ଅନ୍ୟପଟେ ଝିଅ ଘରେ ନପହଞ୍ଚିବାରୁ ପରିବାର ଲୋକ ଖୋଜାଖୋଜି କରି ଥାନାରେ ଏତଲା ଦେଇଥିଲେ। ପୁଲିସ ବି ବହୁ ସ୍ଥାନରେ ଖୋଜାଖୋଜି କରି ନାବାଳିକାକୁ ନପାଇବାରୁ ନିରବ ହୋଇ ରହି ଯାଇଥିଲା। ଶେଷରେ କିଛି ମାସ ତଳେ ନାବାଳିକା ଜଣକ ସନ୍ତାନ ପ୍ରସବ କରିବା ପରେ ବିବାହ କରିଥିବା ବ୍ୟକ୍ତି ଜଣକ ତାକୁ ଧୀରେ ଧୀରେ ବିଶ୍ୱାସ କରିବା ଆରମ୍ଭ କରିଥିଲା। ପୂର୍ବରୁ ଗୋଟିଏ ଘର ମଧ୍ୟରେ ନଜର ବନ୍ଦ ଅବସ୍ଥାରେ ରହିଥିବା ନାବାଳିକା ଖୋଲାରେ ବୁଲାବୁଲି କରିବାକୁ ସୁଯୋଗ ପାଇଥିଲା। କୋଳରେ ଛୁଆ ଥିବାରୁ ନାବାଳିକା ଆଉ ତାକୁ ଛାଡି ଯିବ ନାହିଁ ବୋଲି ଘରେ ବନ୍ଦି କରି ରଖିଥିବା ବ୍ୟକ୍ତି ଜଣକ ନିଶ୍ଚିତ ହେବାରୁ ଦିନେ ଏହାର ସୁଯୋଗ ନେଇ ନାବାଳିକା ଛୁଆ ସହ ନିଜ ମା'କୁ ଦେଖା କରିବାକୁ ପାପଡାହାଣ୍ଡି ଯିବ ବୋଲି କହିଥିଲା। ନାବଳିକା କଥାରେ ବିଶ୍ୱାସ କରି ତଥାକଥିତ ସ୍ୱାମୀ ତାକୁ ଅନ୍ୟ ଜଣେ ବ୍ୟକ୍ତି ସହ ଛାଡିଥିଲା। ଅଧା ରାସ୍ତାରେ ନାବାଳିକା ଘରକୁ ଫେରୁଥିବା ଏବଂ ନିଜ ଅବସ୍ଥା କଥା ଫୋନରେ ପରିବାର ଲୋକଙ୍କୁ ଜଣାଇଥିଲା। ପରିବାର ଲୋକ ନାବାଳିକାର ଅବସ୍ଥିତି ଏବଂ ଅବସ୍ଥା ଜାଣିବା ପରେ ପୁଲିସ ନିକଟକୁ ଯାଇଥିଲେ। ପୁଲିସ ବି ବିଳମ୍ବ ନକରି ତତ୍ପରତା ପ୍ରକାଶ କରି ଜଗଦଲପୁର ଠାରେ ନାବାଳିକାର ଟ୍ରେନକୁ ଅପେକ୍ଷା କରିଥିଲା। ସେଠାରୁ ନାବାଳିକାକୁ ଉଦ୍ଧାର କରିବା ସହ ତା' ସହ ଆସୁଥିବା ବ୍ୟକ୍ତିକୁ ପାପଡାହାଣ୍ଡିକୁ ଧରି ଆଣି ପଚରା ଉଚୁରା କରିଥିଲା। ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରି ବନ୍ଦ କରିଥିବା ମାମଲାକୁ ପୁଲିସ ପୁଣି ତଦନ୍ତ କରିବା ଆରମ୍ଭ କରିଛି। ନାବାଳିକାର ବୟନା ଅନୁଯାୟୀ ପୁଲିସ ଇତି ମଧ୍ୟରେ ଅଭିଯୁକ୍ତ ସାବିତ୍ରୀ ହରିଜନ ଏବଂ ସ୍ୱପ୍ନା ସିନମୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି।



ନାବାଳିକା ନିଜ ଘରକୁ ଫେରି ଅଶ୍ୱସ୍ତ ହୋଇଛି। କିନ୍ତୁ ତାର ଏବଂ ତା' ଛୁଆର ଭବିଷ୍ୟତକୁ ନେଇ ଏବେ ବହୁ ପ୍ରଶ୍ନ ଉଠିଲାଣି। ସେହିପରି ହରିୟାଣାରେ ଥିବା ନାବାଳିକାର ତଥାକଥିତ ସ୍ୱାମୀ ପ୍ରତି ପୁଲିସ କେଉଁଭଳି ପଦକ୍ଷେପ ଗ୍ରହଣ କରିବ ତାହାକୁ ନେଇ ବି ଚର୍ଚ୍ଚା ଆରମ୍ଭ ହେଲାଣି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ନାବାଳିକା ଏବଂ ତା' ଛୁଆର ଭବିଷ୍ୟତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଅଙ୍ଗନବାଡି କେନ୍ଦ୍ରରେ ଅଣ୍ଡା ଖାଇ ୮ ଅସୁସ୍ଥ



ବିନିକା, ୧୫।୩(ଇମିସ): ବିନିକା ଏନ୍‌ଏସି ଅନ୍ତର୍ଗତ ରହିଲା ଗାଁରେ ଥିବା ୧ ନଂ. ଅଙ୍ଗନବାଡ଼ି କେନ୍ଦ୍ରରେ ପିଲାମାନେ ଶନିବାର ଅପରାହ୍ନରେ ଭାତ ଓ ଅଣ୍ଡା ତରକାରୀ ଖାଇଥିଲେ। ତେବେ ଅଣ୍ଡା ଖାଇବା ପରେ ୧୧ ଜଣଙ୍କ ମଧ୍ୟରୁ ୮ ଜଣ ପିଲା ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ତୁରନ୍ତ ବିନିକା ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ସମସ୍ତ ପିଲା ବାନ୍ତି କରୁଥିବା ଜଣାଯାଇଛି। ଅସୁସ୍ଥଙ୍କ ମଧ୍ୟରେ ଜଗନ୍ନାଥ ବେହେରା (୪), ଗାୟତ୍ରୀ ବେହେରା (୫), ଲିପୁନ ବେହେରା (୪), ଚାନ୍ଦିନୀ ଦଣ୍ଡସେନା (୪), ମାମୁନୀ ଦଣ୍ଡସେନା (୪), କାହ୍ନୁ ସେଠୀ (୩), ପ୍ରିୟଙ୍କା ତରିଆ (୩), ଅଜୁ ଭୋଏ (୪୦) ପ୍ରମୁଖ ରହିଛନ୍ତି। ଏ ସଂପର୍କରେ ଅଙ୍ଗନବାଡି କେନ୍ଦ୍ରର କର୍ମୀ ଜୟନ୍ତୀ ନାଏକଙ୍କୁ ପଚାରିବାରୁ ଏହି ଶିଶୁମାନଙ୍କୁ ଗତକାଲି ଓ ଆଜି ଅଣ୍ଡା, ଭାତ ଦିଆଯାଇଥିଲା। ଶିଶୁମାନେ ଆଜି ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ନିଜ ଘରକୁ ଯାଇଥିଲେ। ଦୁଇ ଘଣ୍ଟା ପରେ ବାନ୍ତି କରିଥିଲେ। ଏହି ଶିଶୁମାନଙ୍କୁ ସେମାନଙ୍କ ପରିବାରବର୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ଥିବା ଜଗନ୍ନାଥଙ୍କୁ ସୋନପୁର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ଆତଙ୍କ ସୃଷ୍ଟି ହୋଇଛି । ପଚା ଅଣ୍ଡା ଯୋଗାଣ ହେଉଥିବା ଅଭିଯୋଗ କରି ଅନେକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ରୋଷେଇ ଠିକ୍‌ଠାକ୍ ଥିବା ସୁପର ଭାଇଜର କନକଲତା ନେପାକ ପ୍ରକାଶ କରିଥିବା ବେଳେ ପଚା ଅଣ୍ଡା ଯୋଗୁଁ ପିଲାମାନେ ଅସୁସ୍ଥ ହୋଇପଡ଼ିଛନ୍ତି ବୋଲି ଚର୍ଚ୍ଚା ହେଉଛି ।

# ମଧ୍ୟାହ୍ନ ଭୋଜନ ଖାଇ ୪୩ ଛାତ୍ରୀ ଅସୁସ୍ଥ

ଝୁମ୍ପୁରା,୧୯।୨(ଇମିସ): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଭାଲୁକା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୪୩ ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡିଛନ୍ତି। ଗତକାଲି ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ଛାତ୍ରୀମାନଙ୍କ ପେଟ ବ୍ୟଥା ହୋଇଥିଲା। ପରେ ଛାତ୍ରୀମାନେ ବାନ୍ତି କରିଥିଲେ। ଅସୁସ୍ଥ ଛାତ୍ରୀମାନଙ୍କୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଗୁରୁତର ଅସୁସ୍ଥ ୭ ଜଣଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସ୍କୁଲରେ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲେ ମଧ୍ୟ ଆଜି ୧୫ ଜଣ ଛାତ୍ରୀ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଅଧିକାଂଶ ଛାତ୍ରୀ ଏବେ ଜ୍ୱରରେ ପୀଡିତ ହୋଇଛନ୍ତି। ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀମାନେ ଅସୁସ୍ଥ ହୋଇପଡିବା ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଓ ବିଡିଓ ମିର୍ଧା ଟପୋ କହିଛନ୍ତି। ସୂଚନାଯୋଗ୍ୟ,



କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ଛାତ୍ରୀ ରହୁଛନ୍ତି। ଦୂଷିତ ପାଣି, ଅସ୍ୱାସ୍ଥ୍ୟକର ପରିବେଶ, ବାସିଖାଦ୍ୟ ଯୋଗୁ ଛାତ୍ରୀମାନେ ଫୁଡ୍ ପଏଜନିଂରେ ପୀଡିତ ହୋଇଥିବା କୁହାଯାଉଛି।

### ଗୋଶାଳାରେ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ

# ମ୍ୟାନେଜର ଓ ମହିଳା ସହଯୋଗୀ ଗିରଫ

ଯାଜପୁର,୧୯/୩(ଇମିସ)ଃ ଯାଜପୁରରୋଡ଼ସ୍ଥିତ ଗୋଶାଳାରେ କାମ କରିବାକୁ ଯାଉଥିବା ଜଣେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗରେ ମ୍ୟାନେଜର ରାଧେଶ୍ୟାମ ଶର୍ମା ଓ ସହଯୋଗୀ ସମାରୀ ପିଙ୍ଗୁଆଙ୍କୁ ଆଜି ପୁଲିସ ଗିରଫ କରିଛି। ଗିରଫ ଶ୍ରୀ ଶର୍ମା ଓ ଶ୍ରୀମତୀ ପିଙ୍ଗୁଆଙ୍କର ଜାମିନ ନାମଂଜୁର ହେବାରୁ ଦୁହିଁଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଯାଜପୁରରୋଡ଼ ଥାନା ଅଧିକାରୀ ରାଜୀବ ଲୋଚନ ପଣ୍ଡା କହିଛନ୍ତି।

ପ୍ରକାଶ ଯେ ଗତ ୧୬ ତାରିଖରେ ଗୋଶାଳାରେ ଚୁନଭାଟିର ୧୫ବର୍ଷ ବୟସ୍କା ରଶ୍ମି ହେମ୍ବ୍ରମ(ଛଦ୍ମନାମ) କାମ କରୁଥିଲା। ମ୍ୟାନେଜର ରାଧେଶ୍ୟାମଙ୍କ ଗୋଡ଼ ଚିପାଚିପି କରିଦେବାକୁ ରଶ୍ମିକୁ ସମାରି ପଠାଇଥିଲେ। ରଶ୍ମି ମ୍ୟାନେଜର ରାଧେଶ୍ୟାମ ଶୋଇଥିବା ଘରେ ପହଞ୍ଚିବା ମାତ୍ରେ ସେ ତାଙ୍କୁ ଜାବୁଡ଼ି ଧରିଥିଲେ। ରଶ୍ମିଙ୍କୁ ରାଧେଶ୍ୟାମ ମାଡ଼ିବସି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ରଶ୍ମି ଚିତ୍କାର କରି ଘର ବାହାରକୁ ଦୌଡ଼ି ପଳାଇଆସିଥିଲା। ଏ ସଂପର୍କରେ ରଶ୍ମି ପରିବାର ଲୋକଙ୍କୁ କହିଥିଲା। ଏହି ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ପ୍ରଭାବଶାଳୀ ଲୋକ ଚାପ ପକାଇଥିଲେ।। ତେବେ ଗତ ୧୮ ତାରିଖରେ ରଶ୍ମି ଯାଜପୁରରୋଡ଼ ଥାନାରେ ଏତଲା ଦେବା ପରେ ପୁଲିସ ଗତକାଲି ରାତିରେ ଚଢାଉ କରି ରାଧେଶ୍ୟାମ ଓ ସମାରୀଙ୍କୁ ଗିରଫ କରିଛି।

# ସ୍କୁଲ କାନ୍ଥ ପଡ଼ି ୪ ଛାତ୍ରଛାତ୍ରୀ ଆହତ

ଭଞ୍ଜନଗର,୨୧।୩(ଇମିସ):ଭଞ୍ଜନଗର ବ୍ଲକ ଅନ୍ତର୍ଗତ ସାନକୋଦଣ୍ଡା ପଞ୍ଚାୟତର ବଡ଼ପଥର ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଆଜି ସକାଳେ ଏକ କାନ୍ଥ ପଡ଼ିଯିବାରୁ ସେଥିରେ ଚାପି ହୋଇ ୪ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ଖବର ମିଳିଛି । ସ୍କୁଲର ଜଣେ ଶିକ୍ଷକଙ୍କ ଠାରୁ ପ୍ରକାଶ ଯେ,ଆଜି ସକାଳେ ସ୍କୁଲ ମୁଖ୍ୟଦ୍ୱାରରେ ଥିବା ଗେଟ୍‌ରେ ଦୋଳି ଖେଳୁଥିବା ବେଳେ ନିକଟରେ ଥିବା ଏକ ପୁରୁଣା କାନ୍ଥ ଭୁଶୁଡ଼ି ପଡିବାରୁ ତିନିଜଣ ଛାତ୍ର ଓ ଜଣେ ଛାତ୍ରୀ ଆହତ ହୋଇଥିଲେ । ଆହତ ଛାତ୍ରଛାତ୍ରୀ ମାନେ ହେଲେ ପ୍ରଥମ ଶ୍ରେଣୀର ରାଜେଶ କୁମାର ଗୌଡ଼,ତୃତୀୟ ଶ୍ରେଣୀର ଓମ୍ ବିଷୋୟୀ,ପଞ୍ଚମ ଶ୍ରେଣୀର ତୋଫାନ ଗୌଡ଼ ଓ ସ୍ମୃତିଲତା ଗୌଡ଼ । ଏମାନଙ୍କୁ ତୁରନ୍ତ ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

## ଚୋରି ପାଇଁ ଦଣ୍ଡ

# ୬ ମାସ ଗାଁ ମନ୍ଦିର ସଫା କରିବେ ନାବାଳକ

ବାଲେଶ୍ୱର,୨୧/୩ (ଇମିସ):ଏକ ଚୋରି ଓ ମରଣାତ୍ମକ ଆକ୍ରମଣ ମାମଲାର ବିଚାରକରି ମାନ୍ୟବର ସିଜେଏମ ତଥା ପିଏମଜେଜେବି ଭାଗ୍ୟଲକ୍ଷ୍ମୀ ରଥ ନାବାଳକ ସତ୍ୟବ୍ରତ ଦାସଙ୍କ ଉଦ୍ଦେଶ୍ୟରେ ରାୟ ପ୍ରକାଶ କରିଛନ୍ତି।୬ ମାସ ପାଇଁ ସତ୍ୟବ୍ରତ ନିଜ ଗାଁରେ ଥିବା ମନ୍ଦିର ସଫା କରିବେ ବୋଲି ମାନ୍ୟବର ଜଜ୍ ରାୟ ଶୁଣାଇଛନ୍ତି।

ଗତ ୨୮.୭.୦୯ ରାତି ଗୋଟାଏ ବେଳର ଏହି ଘଟଣା।ସିମୁଳିଆ ଥାନା ନାରାୟଣପୁର ଗାଁରେ ବିଦ୍ୟୁତ କଟିଯାଇଥିବାରୁ ସମାଧାନ ପାଇଁ ଗାଁର ବୈକୁଣ୍ଠ ନାଥ ତିଆଡ଼ି କିଛି ଲୋକଙ୍କ ସହିତ ସେତେବେଳେ ନିକଟ ଗାଁକୁ ଯାଇଥିଲେ। ସେହି ସମୟରେ ସେହି ଗାଁର ମଧୁସୂଦନ ଦାସ ଓ ତାଙ୍କ ପୁଅ ସତ୍ୟବ୍ରତ ଓରଫ ବାପୁନୁ ବୈକୁଣ୍ଠଙ୍କ ଘରକୁ ଯାଇଥିଲେ। କବାଟ ବାଡ଼େଇ ଡାକିବାରୁ ବୈକୁଣ୍ଠଙ୍କ ପତ୍ନୀ ଗୀତାଞ୍ଜଳି ବାହାରି ଆସିଥିଲେ। ବାପା ବାହାରେ ରହିଥିବାବେଳେ ସତ୍ୟବ୍ରତ ଘର ଭିତରକୁ ପଶି ଆଲମାରୀର ଚାବିକାଠି ଗୀତାଞ୍ଜଳିଙ୍କୁ ମାଗିଥିଲେ।ନମିଳିବାରୁ ସେ ତାଙ୍କୁ ମାରଣାସ୍ତ୍ରରେ ହାଣିଥିଲେ। ଗୀତାଞ୍ଜଳିଙ୍କ ଚିତ୍କାର ଶୁଣି ନିକଟରେ ଶୋଇଥିବା ତାଙ୍କ ପିଲାଟି ଉଠିପଡ଼ିଥିଲା। ଚାବିକାଠି ନ ଦେଲେ ପିଲାକୁ ମାରିଦେବାର ଧମକ ଦେବା ପରେ ରକ୍ତାକ୍ତ ଅବସ୍ଥାରେ ଗୀତାଞ୍ଜଳି ସତ୍ୟବ୍ରତଙ୍କୁ ଚାବିକାଠି ଦେଇଥିଲେ। ଆଲମାରୀରୁ ୩୦ ହଜାର ଟଙ୍କା ସହ ସୁନାଗହଣା ନେଇ ସେ ବାପାଙ୍କ ସହ ପଳାଇଯାଇଥିଲେ। ଘରକୁ ଫେରି ଦେଖିବା ପରେ ବୈକୁଣ୍ଠ ଗୀତାଞ୍ଜଳି ଓ ପୁଅକୁ ଭଦ୍ରକ ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନେଇଯାଇଥିଲେ। ବୈକୁଣ୍ଠଙ୍କ ଏତଲା ମୂଳେ ସିମୁଳିଆ ଥାନାରେ ୩୦.୭.୦୯ ତାରିଖରେ ୧୦୮ ନମ୍ବରରେ ମାମଲା ରୁଜୁ କରାଯାଇଥିଲା।ପରେ ସତ୍ୟବ୍ରତଙ୍କୁ ପୁଲିସ ଧରି ବ୍ରହ୍ମପୁରସ୍ଥିତ ଶିଶୁ ସୁଧାର ଗୃହକୁ ପଠାଇଥିଲା। ୧୪ ଜଣ ସାକ୍ଷୀ ମୂଳେ ଆଜି ଏହି ମାମଲାର ବିଚାର ଏବଂ ଜୁଭେନାଇଲ ଜଷ୍ଟିସ ବୋର୍ଡ଼ର ନିଷ୍ପତ୍ତି କ୍ରମେ ମାନ୍ୟବର ସିଜେଏମ ତଥା ପିଏମଜେଜେବି ଭାଗ୍ୟଲକ୍ଷ୍ମୀ ରଥ ସତ୍ୟବ୍ରତଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

## ଏସ୍‌ଡିପିଓଙ୍କ ଚିକିତ୍ସା ପାଇଁ କ୍ୟାବିନ୍ ମିଳିଲାନି

# ପୁଲିସ ଦ୍ୱାରା ୩ ଡାକ୍ତରଖାନା କର୍ମଚାରୀ ଅଟକ

ଭବାନୀପାଟଣା, ୧୪।୩ (ଇମିସ): ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ଜଣେ ପୁଲିସ ଅଧିକାରୀଙ୍କ ଚିକିତ୍ସା ପାଇଁ କ୍ୟାବିନ ନ ଦେବାରୁ ୪ ଜଣ କର୍ମଚାରୀଙ୍କୁ ପୁଲିସ ଥାନାରେ ଅଟକ ରଖିଛି। ଅନ୍ୟପଟେ ପୁଲିସ୍‌ର ଏତାଦୃଶ କାର୍ଯ୍ୟ ପ୍ରତିବାଦରେ ଡାକ୍ତରଖାନା କର୍ମଚାରୀମାନେ ମୁଖ୍ୟ ଫାଟକରେ ତାଲା ପକାଇବା ସହ ଆନ୍ଦୋଳନ କରିଥିବା ଜଣାପଡ଼ିଛି।

ସୂଚନାରୁ ପ୍ରକାଶ ଯେ, ଶୁକ୍ରବାର କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ଦ୍ୱାରା ନିର୍ବାଚନ ପ୍ରସ୍ତୁତି ସଂପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ଼ ଏସ୍‌ଡିପିଓ ଦୀନବନ୍ଧୁ ସେଠୀ ମଧ୍ୟ ଯୋଗ ଦେଇଥିଲେ। ତେବେ ବୈଠକ ଚାଲିଥିବା ବେଳେ ହଠାତ ଶ୍ରୀ ସେଠୀ ସେଠାରେ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଅପରାହ୍ଣ ୨ଟା ୪୫ରେ ପୁଲିସ କର୍ମଚାରୀମାନେ ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତରଖାନାରେ ବେଡ ନ ଥିବାରୁ ତାଙ୍କୁ କ୍ୟାବିନ ଯୋଗାଇ ଦେବାକୁ ପୁଲିସ କର୍ମଚାରୀମାନେ ଡାକ୍ତରଖାନାର କର୍ମଚାରୀ ଓ ଡାକ୍ତରଙ୍କୁ କହିଥିଲେ। ତେବେ କ୍ୟାବିନ ବି ଖାଲି ନଥିବା ନେଇ ଡାକ୍ତରଖାନା କର୍ମଚାରୀ କହିଥିଲେ। ଖବର ପାଇ ଏଡିଏମ୍‌ଓ ଡାକ୍ତରଖାନାରେ ପହଞ୍ଚି ତାଙ୍କୁ ଆଇସିୟୁରେ ବେଡ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଗାମୀ ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଏହାର

### ପ୍ରତିବାଦରେ ଡାକ୍ତରଖାନାରେ ତାଲା ପକାଇ କର୍ମଚାରୀଙ୍କ ଆନ୍ଦୋଳନ

ମରାମତି କରାଯାଉଥିବା ଓ ତାହାର ଚାବି ଜନୈକ କର୍ମଚାରୀଙ୍କ ପାଖରେ ଅଛି ବୋଲି କହି ଜଣେ କର୍ମଚାରୀ ଚାବି ଆଣିବାକୁ ଯାଇଥିଲେ। ଚାବି ଆଣି ଆସିବାକୁ ବିଳମ୍ବ ହେବାରୁ ଉପସ୍ଥିତ ପୁଲିସ କର୍ମଚାରୀମାନେ ଉତ୍ତ୍ୟକ୍ତ ହୋଇ ଏସ୍‌ଡିପିଓଙ୍କୁ ତୁରନ୍ତ ଏକ ନର୍ସିଂହୋମକୁ ସ୍ଥାନାନ୍ତର କରିବା ସହ ସେଠାରେ ଡ୍ୟୁଟିରେ ଥିବା ୩ ଜଣ କର୍ମଚାରୀ ବଦ୍ରୀନାଥ ନାଏକ, ବିଶ୍ୱଜିତ ସୂତାର, କପିଳେଶ୍ୱର ଦାସଙ୍କୁ ଥାନାକୁ ନେଇଯାଇଥିଲେ। ତେବେ ସେମାନଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିବାରୁ ଡାକ୍ତରଖାନା କର୍ମଚାରୀମାନେ ଉତ୍ତ୍ୟକ୍ତ ହୋଇ ଡାକ୍ତରଖାନାର ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଘଟଣା ସଂପର୍କରେ ଖବର ପାଇ କଳାହାଣ୍ଡି ସିଡିଏମଓ ଡା. ସୁରେନ୍ଦ୍ରନାଥ ମହାପାତ୍ର, ଭବାନୀପାଟଣା ନଗରପାଳ ଆଦିତ୍ୟ ନନ୍ଦ, କାଉନସିଲର ବାବୁଲି ମଣ୍ଡଳ, ଏଡିଏମ୍‌ଓ ଡା. ଜଗୁଲାଲ ଅଗ୍ରୱାଲ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଥିବା ବେଳେ ପୁଲିସ ଅଟକ ରଖିଥିବା ୩ ଜଣ କର୍ମଚାରୀଙ୍କୁ ଛାଡ଼ି ନଥିବା ଜଣାପଡ଼ିଛି। ଘଟଣାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ଲାଗି ରହିଥିବା ବେଳେ ଚିକିତ୍ସା ପାଇଁ ଆସୁଥିବା ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି।

---

# ଇଟାଭାଟିରେ ବନ୍ଧା ପଡ଼ିଛନ୍ତି ୨୧ ଶ୍ରମିକ

- ପରିବାର ଲୋକ ମାନବାଧିକାର କମିସନଙ୍କ ଦ୍ୱାରସ୍ଥ
- ୩ ସପ୍ତାହରେ ରିପୋର୍ଟ ଦେବା ସହ ଉଦ୍ଧାର ପାଇଁ ସରକାରଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୯।୩(ଇମିସ): ଆନ୍ଧ୍ରପ୍ରଦେଶର କରିମ୍‌ନଗର ଥାନା ଅଧୀନ ଚପାତାଣ୍ଡି ଅଞ୍ଚଳରେ ଥିବା କିଶାନ ସେଟ୍ ଇଟାଭାଟିରେ ବନ୍ଧା ପଡିଛନ୍ତି ୨୧ ଜଣ ଶ୍ରମିକ। ଟଙ୍କା ବଦଳରେ ଏବେ ସେମାନଙ୍କୁ ଦିଆଯାଉଛି ଅକଥନୀୟ ନିର୍ଯାତନା। ଇଟାଭାଟି ମାଲିକଙ୍କ ମାଡ଼ରେ ଏବେ ୨ ଜଣ ଶ୍ରମିକ ଗୁରୁତର ହୋଇ ପଡିଛନ୍ତି। ଜଣକର ହାତକୁ ଭାଙ୍ଗି ପକାଇଛି ନିଷ୍ଠୁର ଇଟାଭାଟି ମାଲିକ। ଦରମା ବାବଦ ଟଙ୍କା ମାଗିଲେ ମିଳୁଛି ମାଡ଼। ଲହୁ ଲୁହାଣ ହୋଇ ଦିନ ରାତି ୨୪ ଘଣ୍ଟା ଭାଟିରେ କାମ କରୁଛନ୍ତି। ସେଥି ମଧ୍ୟରେ ଅଛନ୍ତି କେତେକ ବୟସ୍କ , ମହିଳା ଓ ଶିଶୁ। ଲୁଚିଛପି ଘରକୁ ଫୋନ୍‌ରେ ଜଣାଇବା ପରେ ପରିବାର ଲୋକ ସେମାନଙ୍କୁ ଉଦ୍ଧାର କରିବାକୁ ଆଜି ରାଜ୍ୟ ମାନବାଧିକାର କମିସନଙ୍କ ନିକଟରେ ପିଟିସନ୍ ଦାଖଲ କରିଛନ୍ତି। ସମସ୍ତ ଶ୍ରମିକ ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳର। କମିସନ ମଧ୍ୟ ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇଛନ୍ତି। ୩ ସପ୍ତାହ ମଧ୍ୟରେ ମୁଖ୍ୟ ଶାସନ ସଚିବ, ଶ୍ରମ ସଚିବ, ଶ୍ରମ କମିସନ ଓ ବରଗଡ଼ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ ଓ ଅବିଳମ୍ବେ ଶ୍ରମିକମାନଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ୩ ମାସ ତଳେ ପଦ୍ମପୁର ଅଞ୍ଚଳର ଭାଲୁ ଡୁଙ୍ଗୁରୀ, ବାଇଦପଲ୍ଲୀ, ଲୁହାଖେନ୍ ଆଦି ଗାଁରୁ ୨୭ ଜଣ ଶ୍ରମିକ ଆନ୍ଧ୍ରର ଇଟାଭାଟିରେ କାମ କରିବାକୁ ଯାଇଥିଲେ। ଗୋଟିଏ ମାସ କାମ କରିବା ପରେ ଶ୍ରମିକମାନଙ୍କୁ ନିର୍ଯାତନା ଦେବା ଆରମ୍ଭ ହୋଇଥିଲା। ନିର୍ଯାତନା ସହି ନ ପାରି ୬ ଜଣ ଶ୍ରମିକ ଲୁଚି କରି ଗାଁକୁ ଚାଲି ଆସିଥିଲେ। ସେମାନେ ନିର୍ଯାତନା ସମ୍ପର୍କରେ କହିବା ପରେ ଏ ନେଇ ପରିବାର ଲୋକ ଗତ ମାସ ୨୦ ତାରିଖରେ ବରଗଡ଼ ଜିଲ୍ଲା ଗାଇସିଲଟ ଥାନାରେ ଅଭିଯୋଗ କରିଥିଲେ। ଏହା ସହିତ ସେମାନେ ବରଗଡ଼ ଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା ଶ୍ରମ ବିଭାଗରେ ମଧ୍ୟ ଅଭିଯୋଗ କରିଥିଲେ। ଯେଉଁମାନେ ଶ୍ରମିକମାନଙ୍କୁ ଆନ୍ଧ୍ରପ୍ରଦେଶ ନେଇଥିଲେ ସେମାନଙ୍କ ସମ୍ପର୍କରେ ମଧ୍ୟ ପରିବାର ଲୋକ ପୁଲିସକୁ ସୂଚନା ଦେଇଥିଲେ। କିନ୍ତୁ ପୁଲିସ କିମ୍ବା ଶ୍ରମ ବିଭାଗ ସେମାନଙ୍କ ଦୁଃଖ କଥା ଶୁଣି ନ ଥିଲେ। ଏଣେ ଆନ୍ଧ୍ରରେ ଥିବା ଶ୍ରମିକମାନଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବଢ଼ି ଚାଲିଥିଲା।

ଆଜି ଏକ ସ୍ୱେଚ୍ଛାସେବୀ ସଂଗଠନ ‘ ଗୋଡି ଶ୍ରମିକ ସୁରକ୍ଷା ମଞ୍ଚ’ର ରୁକ୍ମଣ ଦେବ ଓ ଆଇନଜୀବୀ ବିଶ୍ୱପ୍ରିୟ କାନୁନ୍‌ଗୋ ଏହି ପରିବାର ସଦସ୍ୟମାନଙ୍କୁ ଆଣି ରାଜ୍ୟ ମାନବାଧିକାର କମିସନଙ୍କ ନିକଟରେ ପିଟିସନ୍ ଦାଖଲ କରିଥିଲେ। ଦାବି କରିଥିଲେ ତୁରନ୍ତ ଦଲାଲ ଓ ଇଟାଭାଟି ମାଲିକଙ୍କୁ ପୁଲିସ ଗିରଫ କରୁ, ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ ଏବଂ ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଉ। କମିସନ ଏଭଳି ଏକ ସ୍ପର୍ଶକାତର ଘଟଣାକୁ ଅତ୍ୟନ୍ତ ଗୁରୁତର ସହିତ ବିଚାର କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି ବରଗଡ଼, ବଲାଙ୍ଗୀର, ନୂଆପଡ଼ା ଆଦି ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଶ୍ରମିକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଗତ ବର୍ଷ ନୂଆପଡ଼ା ଜିଲ୍ଲା ନୂଆପଡ଼ାର ୨ ଜଣ ଶ୍ରମିକଙ୍କ ହାତକୁ ଇଟାଭାଟି ମାଲିକ କାଟି ପକାଇଥିବା ଅଭିଯୋଗ ହୋଇଥିଲା। ଦୁଇଟି ଘଟଣା ସେତେବେଳେ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

## ସେବାଶ୍ରମ ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲା

# ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

କଟକ,୧୯।୩(ଇମିସ): କନ୍ଧମାଳ ଜିଲ୍ଲା ମୁଣ୍ଡଗାଁ ସେବାଶ୍ରମ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ବିଦ୍ୟାଳୟ ଶିକ୍ଷକ ଯୌନ ନିର୍ଯାତନା ଦେବା ମାମଲାରେ ରିପୋର୍ଟ ପ୍ରଦାନ କରିବା ପାଇଁ ଜାତୀୟ ମାନବାଧିକାର କମିସନ୍ କନ୍ଧମାଳ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ପୀଡ଼ିତାଙ୍କୁ ଏଯାବତ୍ କ୍ଷତିପୂରଣ ପ୍ରଦାନ କରାଯାଇଛି କି ନା ଓ ପୀଡ଼ିତାଙ୍କ ପାଇଁ ଆବଶ୍ୟକ କାଉନସେଲିଂ କରାଯାଇଛି କି ନା ସେ ସଂପର୍କରେ ଜିଲ୍ଲାପାଳ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦେବେ। ସେହିପରି ଭବିଷ୍ୟତରେ ଯେମିତି ଏଭଳି ଅଘଟଣ ନଘଟେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ କମିସନ୍ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ଆଡଭୋକେଟ୍ ପ୍ରବୀର ଦାସଙ୍କ ପକ୍ଷରୁ ଦାଏର ହୋଇଥିବା ଏକ ମାମଲାର ବିଚାର କରି କମିସନ୍ ଏହି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ମୁଣ୍ଡଗାଁ ସେବାଶ୍ରମ ବିଦ୍ୟାଳୟରେ ଜଣେ ନାବାଳିକା ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଶିକ୍ଷକ ପ୍ରତାପ ସାହୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଆଡଭୋକେଟ୍ ଶ୍ରୀ ଦାସ ଏନ୍‌ଏଚ୍‌ଆର୍‌ସିରେ ମାମଲା ଦାଏର କରିଥିଲେ। କମିସନ୍ ମାମଲାର ଶୁଣାଣି କରିବା ସହ ରିପୋର୍ଟ ପ୍ରଦାନ ପାଇଁ କନ୍ଧମାଳ ଏସ୍.ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଏର ହୋଇସାରିଥିବା ଓ ମାମଲାର ବିଚାର ଆରମ୍ଭ ହୋଇଥିବା ନେଇ ଏସ୍.ପି ରିପୋର୍ଟ ପ୍ରଦାନ କରିଥିଲେ। କମିସନ୍ ଏହି ରିପୋର୍ଟକୁ ଗ୍ରହଣ କରିବା ସହ ମାମଲା ବିଚାରାଧୀନ ଥିବାରୁ କମିସନ୍ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମନା କରିବା ସହ କ୍ଷତିପୂରଣ ସଂକ୍ରାନ୍ତ ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମହିଳା କମିସନରେ ଦୁଷ୍କର୍ମ ଶିକାର ପୀଡ଼ିତା

ଭୁବନେଶ୍ୱର,୧୯।୩(ଇମିସ): ଦୁଷ୍କର୍ମ ଶିକାର ହୋଇଥିବା ଜଣେ ମହିଳା ଆଜି ନ୍ୟାୟ ପାଇଁ ରାଜ୍ୟ ମହିଳା କମିସନଙ୍କ ନିକଟରେ ଫେରାଦି ହୋଇଛନ୍ତି। ତାଙ୍କ ଘର ଭଞ୍ଜନଗର ଥାନା ବେଲଗୁଣ୍ଠା ଫାଣ୍ଡି ଅଧୀନ ନୂଆ ଗାଁରେ। ତାଙ୍କ ପତି ଜଣେ ପୁଲିସ ଯବାନ। ସେ ଘରେ ଅନୁପସ୍ଥିତ ଥିବାବେଳେ ସେହି ଗ୍ରାମର ବୁଲୁ ପରିଡ଼ା ନାମକ ଜଣେ ଯୁବକ ଏଭଳି କାଣ୍ଡ କରିଥିଲେ। ତେବେ ସଂପୃକ୍ତା ମହିଳା ଜଣକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ଅଢ଼େଇମାସରୁ ଅଧିକ ସମୟ ହୋଇ ଯାଇଥିଲେ ମଧ୍ୟ ପୁଲିସ ଏଯାଏ ଅଭିଯୁକ୍ତକୁ ଗିରଫ କରିବାକୁ ସକ୍ଷମ ହୋଇ ନାହିଁ। ଶେଷରେ ନ୍ୟାୟ ପାଇଁ ସଂପୃକ୍ତ ମହିଳା ଜଣକ ରାଜ୍ୟ ମହିଳା କମିସନଙ୍କ ନିକଟରେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ବର୍ଷ ଡିସେମ୍ବର ମାସ ୨୮ ତାରିଖରେ ସରସ୍ୱତୀ ( ଛଦ୍ମନାମ) ଶୌଚ ଲାଗି ନିକଟ ପୋଖରୀ ହୁଡାକୁ ଯାଇଥିଲେ। ଏହି ସମୟରେ ସେହି ଗାଁର ବୁଲୁ ପରିଡ଼ା ନାମକ ଜଣେ ଯୁବକ ପଛପଟୁ ଆସି ତାଙ୍କ ସହିତ ଦୁଷ୍କର୍ମ ଉଦ୍ୟମ କରିଥିଲା। କିନ୍ତୁ ସରସ୍ୱତୀ ଚିତ୍କାର କରିବାରୁ ସେ ତାଙ୍କ ପାଟିକୁ ଚାପି ଧରି ଧମକ ଚମକ ଦେଇଥିଲା, କହିଥିଲା ଏକଥା କାହା ଆଗରେ କହିଲେ ଜୀବନରୁ ମାରିଦେବି ବୋଲି।

ସରସ୍ୱତୀଙ୍କ ପତି ଭୁବନେଶ୍ୱରରେ ଥିବାରୁ ସେ ଥାନାରେ ଅଭିଯୋଗ କରିବାକୁ ସାହାସ କରି ପାରି ନ ଥିଲେ। ପତି ଗାଁରେ ପହଞ୍ଚି ବୁଲୁ ବିରୋଧରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଅଭିଯୋଗକୁ ଗ୍ରହଣ କରି କେସ୍ ନମ୍ବର ୪/୧୪ ଓ ଦଫା ୩୪୧/୩୨୩/୨୯୪/୩୫୪/୫୦୬ରେ ଏକ ମାମଲା ରୁଜୁ କରିଥିଲା। କିନ୍ତୁ ପୁଲିସ ଅଭିଯୁକ୍ତ ବୁଲୁକୁ ଏଯାଏ ଗିରଫ କରି ପାରିନାହିଁ। ଏ ନେଇ ସରସ୍ୱତୀ ଗଂଜାମ ଏସ୍‌ପି, ପୁଲିସ ଡିଜି, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ ଓ ଗୃହ ସଚିବଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କିଛି ବି ସୁଫଳ ମିଳି ନ ଥିଲା। ଓଲଟି ସ୍ଥାନୀୟ ପୁଲିସ କହୁଛି ବୁଲୁ ଫେରାର୍ ଅଛି। କିନ୍ତୁ ବୁଲୁ କିଛି ଦିନ ତଳେ ଗାଁରେ ବୁଲି ଏତଲା ଉଠାଇବାକୁ ସଂପୃକ୍ତ ମହିଳାଙ୍କ ମା'ଙ୍କୁ ଧମକ ଚମକ ଦେବା ସହିତ ମାଡ଼ ମାରିଥିବା ସରସ୍ୱତୀ କହିଛନ୍ତି। ଅଭିଯୁକ୍ତକୁ ଗିରଫ ଓ ନିଜ ସୁରକ୍ଷା ପାଇଁ ସେ ମହିଳା କମିସନଙ୍କ ନିକଟରେ ଅଭିଯୋଗ କରିଛନ୍ତ।

# ୨୧ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ହାଇକୋର୍ଟରେ ମାମଲା

କଟକ,୧୩।୩(ଇମିସ): ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଜଣେ ମହିଳା ନିଜର ଆଖି ହରାଇଥିବାରୁ ୨୧ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରାର୍ଥନା କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚିକିତ୍ସାରେ ତ୍ରୁଟି କାରଣରୁ ଆଖି ହରାଇଥିବା ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ପ୍ରକଟପୁର ଗାଁର ରାଧାମଣି ସେନାପତି ଓ ତାଙ୍କ ସ୍ୱାମୀ ବିନୋଦ ବିହାରୀ ସେନାପତି ଏହି ମାମଲା ଦାଏର କରିଛନ୍ତି। ମାମଲାରେ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ଏସ୍‌ସିବି ମେଡିକାଲ୍ କଲେଜ୍ ଅଧୀକ୍ଷକ, ଯାଜପୁର ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଡା. ବିରଞ୍ଚି ନାରାୟଣ ବାରିକଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଏଠାରେ ସୂଚନା ଥାଉ କି, ଯାଜପୁର ଜିଲ୍ଲା ସଦର ମହକୁମା ହସ୍‌ପିଟାଲ୍‌ରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା କାରଣରୁ ରାଧାରାଣୀ ନିଜର ଆଖି ହରାଇଥିଲେ। ପ୍ରଥମେ ସେ ଯାଜପୁ ଜିଲ୍ଲା ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। କିନ୍ତୁ ଚିକିତ୍ସା କରୁଥିବା ଡାକ୍ତର ଉପଯୁକ୍ତ ଚିକିତ୍ସା ନକରିବାରୁ ତାଙ୍କ ଅବସ୍ଥା ଗୁରୁତର ହେଲା। ପରେ ସେ କଟକ ବଡ ମେଡିକାଲ୍‌ରେ ଭର୍ତ୍ତି ହୋଇଥିଲେ। କିନ୍ତୁ ତ୍ରୁଟିପୂର୍ଣ୍ଣ ଚିକିତ୍ସାର

## ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଆଖି ନଷ୍ଟ

ପ୍ରଭାବରୁ ସେ ନିଜର ଆଖି ହରାଇଥିଲେ। ପରେ ସେ ନିଜର ଶିଶୁପୁତ୍ରକୁ ମଧ୍ୟ ହରାଇଥିଲେ। ଏନେଇ ବିଭିନ୍ନ ଫୋରମ୍‌ରେ ନିବେଦନ କରିବା ପରେ ମଧ୍ୟ କୌଣସି ସହାୟତା ମିଳିନାହିଁ। ଅନ୍ୟପକ୍ଷରେ ଚକ୍ଷୁ ସଂକ୍ରମଣ ହୋଇଯାଇଥିବାରୁ ଆଖି ତୋଳା ଅସ୍ତ୍ରୋପଚାର ଆବଶ୍ୟକ ହୋଇପଡିଛି। ଏଥିପାଇଁ ଆର୍ଥିକ କ୍ଷମତା ତାଙ୍କର ନାହିଁ। ଏଣେ ଆର୍ଥିକ ସମସ୍ୟା କାରଣରୁ ସେ ନିଜର ଉଚ୍ଚତର ଚିକିତ୍ସା ମଧ୍ୟ କରିପାରୁନାହାନ୍ତି। ସରକାରୀ ସହାୟତା ତଥା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଧାରାଣୀ ମୁଖ୍ୟମନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ବିଭିନ୍ନ ଅଧିକାରୀଙ୍କ ନିକଟରେ ଗୁହାରି କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତେଣୁ କ୍ଷତିପୂରଣ ସହ ଆବଶ୍ୟକ ନିର୍ଦ୍ଦେଶନାମା ପାଇଁ ଆବେଦନକାରୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା, ୬ ଗିରଫ

ବାଲିଗୁଡା/ତୁମୁଡିବନ୍ଧ, ୧୩।୩(ଇମିସ): ବିଜ୍ଞାନ ଯୁଗରେ ଏବେ ବି ଅନ୍ଧବିଶ୍ୱାସ ବଶବର୍ତ୍ତୀ ହୋଇ ଅଭାବନୀୟ କାଣ୍ଡ ଘଟାଉଛନ୍ତି କିଛି ଲୋକ। ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଏଭଳି ଏକ ଘଟଣାରେ ବ୍ୟକ୍ତିଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଘଟଣା ଘଟିଛି ବାଲିଗୁଡା ଥାନା ଅନ୍ତର୍ଗତ ବୁଡାଗୁଡା ଗ୍ରାମରେ । ଗ୍ରାମ ନିକଟସ୍ଥ ନେଡିପାଙ୍ଗା ଗ୍ରାମର ଗୋରେଖି ଦଣ୍ଡସେନା ଦୀର୍ଘଦୀନ ହେଲା ଏହି ଅଞ୍ଚଳରେ ଗୁଣିଗାରେଡି କରୁଥିବା, ବହୁ ମହିଳା ଓ ପୁରୁଷଙ୍କୁ ବିଭିନ୍ନ ସମୟରେ ଧମକ ଚମକ ଦେଇ ଗୁଣିଗାରେଡି କରି ମାରି ଦେଉଥିବା ଅଭିଯୋଗ ହୋଇ ଆସୁଥିଲା । ଏ ନେଇ ବାରମ୍ବାର ଗୋରେଖିଙ୍କୁ ସତର୍କ କରାଇ ଆସୁଥିଲେ ଲୋକେ। କିନ୍ତୁ ଗୋରେଖି ଏଥିରୁ ନିବୃତ୍ତ ନହେବାରୁ ମଙ୍ଗଳବାର ସନ୍ଧ୍ୟା ୭ଟାରେ କିଛି ବ୍ୟକ୍ତି ପୋଢ ଯାତ୍ରା ଦେଖି ଫେରୁଥିବା ବେଳେ ତାଙ୍କ ସମୁଖରେ ଗୋରେଖି ସାମ୍ନାସାମ୍ନି ପଡ଼ି ଯାଇଥିଲେ। ତାଙ୍କ ସହ ଯୁକ୍ତିତର୍କ ହୋଇଥିଲା । ସେହି ବ୍ୟକ୍ତିମାନେ ଗୋରେଖିଙ୍କୁ ମାଡ ମାରିବାସହ ତାଙ୍କ ଘର ନେଡିପାଙ୍ଗାରେ ଛାଡି ଦେଇଥିଲେ । ଏହାପରେ ଗୋରେଖିଙ୍କୁ ସକାଳୁ ଦେଖିଦେବେ ବୋଲି ଧମକ ଦେଇଥିଲେ । ଗୋରେଖି ପ୍ରବଳ ମାଡ଼ ଯୋଗୁଁ ରାତିସାରା ରକ୍ତବାନ୍ତି କରିଥିବା ପରିବାର ପକ୍ଷରୁ କୁହାଯାଉଛି। ଗୋରେଖିଙ୍କୁ ବୁଧବାର ସକାଳୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଅଣା ଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଗୁଣିଗାରୁଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା



ରାଇରଙ୍ଗପୁର,୧୮/୩(ଇମିସ): ମୟୂରଭଞ୍ଜ ଜିଲ୍ଲା ସୀମାନ୍ତବର୍ତୀ ତିରିଂ ଥାନା ଅଂଚଳରେ ଗୁଣିଗାରେଡି ସନ୍ଦେହରେ ବୃଦ୍ଧ ଦମ୍ପତିଙ୍କୁ ଜଘନ୍ୟ ଭାବେ ହତ୍ୟା କରାଯାଇଛି। ଏଭଳି ଘଟଣାକୁ ନେଇ ଏହି ସୀମାନ୍ତ ଅଂଚଳ ପୂର୍ବରୁ ଚର୍ଚାରେ ରହି ଆସିଥିବା ବେଳେ ହୋଲି ପର୍ବରେ ଏହି ଘଟଣାର ଆଉ ଏକ ନଗ୍ନ ରୂପ ଦେଖିବାକୁ ମିଳିଛି। ସରକାରଙ୍କ କଡ଼ା ଆଇନ ଏହି ଲୋକମାନଙ୍କ ଅନ୍ଧବିଶ୍ୱାସକୁ ଯେ ଅତିକ୍ରମ କରି ପାରିନି , ଏଥିରୁ ସ୍ପଷ୍ଟ ହୋଇଯାଇଛି। ଇଏ ହେଉଛି ଗତ ୧୬ ତାରିଖ ଭୋର ସମୟର ଘଟଣା। ସେଦିନ ତିରିଂ ଥାନା ଅନ୍ତର୍ଗତ ମହୁଲବରେହି ଗ୍ରାମର କାର୍ତ୍ତିକ ଦେଓ(୬୫) ଓ ତାଙ୍କ ସ୍ତ୍ରୀ କୁନ୍ତଳା ଦେଓ (୫୫) ମାଳିଆଳିଘୁଟୁ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିଲେ। ମାତ୍ର, ଦୁହିଁଙ୍କୁ ମୃତ୍ୟୁ ଅପେକ୍ଷା କରିଥିଲା ଯେମିତି! ଦୁର୍ବୃତ୍ତମାନେ ସେଠାରେ କାର୍ତ୍ତିକଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟିବା ସହ ତାଙ୍କ ସ୍ତ୍ରୀ କୁନ୍ତଳାଙ୍କୁ ପଥରରେ ଛେଚି ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରିଥିଲେ। ଘଟଣାସ୍ଥଳରେ ତିରିଂ ପୁଲିସ୍ ପହଂଚି ଦମ୍ପତିଙ୍କ ମୃତ ଦେହ ଉଦ୍ଧାର କରିବା ପରେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲେ। ପୁଲିସ ଘଟଣାର ତଦନ୍ତ କରି ହତ୍ୟାକାଣ୍ଡର ମାଷ୍ଟର ମାଇଣ୍ଡ ସୁନାରାମ ସିଂ(୫୫) ଓ ସତ୍ୟବାନ ସିଂ(୪୩)ଙ୍କୁ ଗିରଫ କରିବା ସହ ହତ୍ୟାକାରୀ ସୁନାରାମଙ୍କ ଜ୍ୱାଇଁ ମୋରଡ଼ା ବ୍ଲକ କୋହି ଗ୍ରାମର ରାମ ସର୍ଦ୍ଦାର(୩୦) ଓ ଭଣଜା ଝାଡ଼ଖଣ୍ଡ ରାଜ୍ୟର କୁଆଳି ଥାନା ଅଂଚଳର କେର୍‌କେଟା ଗ୍ରାମର ଜଗଦୀଶ ପୁରାଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

ପ୍ରକାଶଥାଉକି, ପ୍ରାୟ ବର୍ଷେ ପୂର୍ବରୁ ସୁନାରାମ ସିଂଙ୍କ ଝିଅକୁ କାର୍ତ୍ତିକଙ୍କ ପୁଅ ମିଶ୍ର ଦେଓ ପ୍ରେମ ବିବାହ କରିଥିଲେ। ଏହି ବିବାହକୁ ଝିଅର ପରିବାର ଲୋକ ବିରୋଧ କରିଥିଲେ। ଉକ୍ତ ପରିବାର ଲୋକଙ୍କ ଅଭିଯୋଗ ମୁତାବକ ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ କାର୍ତ୍ତିକ ଓ କୁନ୍ତଳା ମନ୍ତ୍ରତନ୍ତ୍ର କରି ସେମାନଙ୍କ ଝିଅକୁ ନେଇଯାଇଥିଲେ। ପରେ ସେମାନେ ଗୁଣିଗାରେଡି କରି ସୁନାରାମଙ୍କ ପରିବାର ସଦସ୍ୟଙ୍କ ନାନା ବିଘ୍ନ ଘଟାଇବା ସହ ସେମାନଙ୍କୁ ରୋଗାକ୍ରାନ୍ତ କରି ଦେଉଥିଲେ। ଏଭଳି ଅନ୍ଧବିଶ୍ୱାସରେ ବିଜଡ଼ିତ ସୁନାରାମ ଶେଷରେ ଉକ୍ତ ଦମ୍ପତିଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ଏବଂ ଗତ ରବିବାର ଦିନ ସୁଯୋଗ ଉଣ୍ଡିକୁ ଦୁହିଁଙ୍କୁ ହତ୍ୟା କରିଥିଲେ। ଅଭିଯୋଗକୁ ଭିତ୍ତି କରି ଦଫା ୩୦୨ ଓ ୩୪ ଆଇପିସି ମୂଳେ ତିରିଂ ଥାନାରେ ୧୪/୧୪ରେ ଏକ ମାମଲା ରୁଜୁ କରାଯାଇଛି।

# ୫୩ ହଜାର ଜନବସତିକୁ ପାଣି ନାହିଁ

ଭୁବନେଶ୍ୱର,୨୦।୩(ଇମିସ)ଃ ରାଜ୍ୟର ୫୩ ହଜାର ବସତିକୁ ମୁଣ୍ଡପିଛା ୫୫ଲିଟର ପାଣି ମିଳୁନାହିଁ। ବିଶେଷକରି ଗ୍ରାମାଞ୍ଚଳରେ ଏହି ସମସ୍ୟା ବେଶ୍ ଉତ୍କଟ। ଜାତୀୟ ଗ୍ରାମାଞ୍ଚଳ ପାନୀୟ ଜଳ କାର୍ଯ୍ୟକ୍ରମ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟର ସମୁଦାୟ ୧ଲକ୍ଷ ୫୭ହଜାର ୨୯୬ ଜନବସତି ରହିଛି। ତହିଁରେ ୧ଲକ୍ଷ ୩୩ଶହ ୫୨ ଜନବସତିକୁ ପାଣି ଯୋଗାଣ ସମ୍ଭବ ହୋଇଥିବା ବେଳେ ୫୩ହଜାର ୭ଶହ ୪୪ଟି ଜନବସତିକୁ ଏ ପର୍ଯ୍ୟନ୍ତ ଦୈନିକ ଆବଶ୍ୟକ ପାଣି ମିଳୁନାହିଁ। ଆବଶ୍ୟକ ଅନୁଯାୟୀ ନଳକୂପ କିମ୍ବା ପାଇପ ପାଣି ସଂଯୋଗ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପାନୀୟ ଜଳ ଯୋଗାଣ ପାଇଁ ଯାହାବି କିଛି ଯୋଜନା ଚାଲିଛି ତାହା କେନ୍ଦ୍ର ସରକାରଙ୍କର। ରାଜ୍ୟ ସରକାରଙ୍କ ପକ୍ଷରୁ ପାନୀୟ ଜଳ ଯୋଗାଣ ପାଇଁ କୌଣସି ଯୋଜନା ନ ଥିବାରୁ ଅଧିକରୁ ଅଧିକ ଜନବସତିକୁ ଜଳ ଯୋଗାଇବା ସମ୍ଭବ ହୋଇପାରୁ ନ ଥିବା ଜଣାପଡ଼ିଛି।

ଜାତୀୟ ଗ୍ରାମୀଣ ପାନୀୟ ଜଳ କାର୍ଯ୍ୟକ୍ରମରୁ ମିଳିଥିବା ତଥ୍ୟ ଅନୁସାରେ ଆବଶ୍ୟକ ପରିମାଣ ପାଣି ପାଇପାରୁ ନ ଥିବା ଜିଲ୍ଲାମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିଛି କନ୍ଧମାଳ। ଏଠାରେ ମୋଟ ୮ହଜାର ୨୫୬ଟି ଜନବସତି ଥିବା ବେଳେ ପ୍ରାୟ ୫ହଜାର ଜନବସତିକୁ ଆବଶ୍ୟକ ପାଣି ମିଳୁନାହିଁ। କନ୍ଧମାଳ ପଛକୁ ରହିଛି ମୟୂରଭଞ୍ଜ। ଏଠାରେ ସମୁଦାୟ ୧୦ହଜାର ୭୩୩ ଜନବସତି ଥିବା ବେଳେ ୩ହଜାର ୩୮୧ଜନବସତିକୁ ପାଣି ମିଳୁନାହିଁ। ତୃତୀୟରେ ରହିଛି ସମ୍ବଲପୁର। ସମୁଦାୟ ୫ହଜାର ୩୮୬ ଜନବସତିରୁ ୩ହଜାର ୨୪ ଜନବସତିକୁ ପାଣି ମିଳୁନାହିଁ। ଖୋର୍ଧା ଜିଲ୍ଲା ମଧ୍ୟ ଏହି ସମସ୍ୟାରୁ ମୁକୁଳି ପାରିନାହିଁ। ଏଠାରେ ଥିବା ୫ହଜାର ୧୮୭ ଜନବସିତରୁ ୧୧ଶହ ୫୬ ଜନବସିତକୁ ଦୈନିକ ଆବଶ୍ୟକ ପାଣି ମିଳୁ ନ ଥିବା ଜଣାପଡ଼ିଛି। ତେବେ ଏକମାତ୍ର ବଲାଙ୍ଗୀର ଜିଲ୍ଲା ପାନୀୟ ଜଳ ଯୋଗାଣକୁ ମେଣ୍ଟାଇବାରେ ସକ୍ଷମ ହୋଇଛି। ଜିଲ୍ଲାରେ ଥିବା ୩ହଜାର ୧୭୦ ଜନବସତିରୁ ମାତ୍ର ୫ଟି ଜନବସତିକୁ ଆବଶ୍ୟକ ପାଣି ମିଳୁ ନାହିଁ।

ରାଜ୍ୟର ସମୁଦାୟ ଜନବସତିକୁ ନଜରକୁ ନେଲେ ରାଜ୍ୟରେ ୩ଲକ୍ଷ ୬୧ହଜାର ନଳକୂପ ଓ ୧୧ହଜାର ୭ଶହ ପରିମଳ କୂପ ରହିଛି। ତେବେ



ବଢ଼ି ଚାଲିଥିବା ଜନବସତିକୁ ପାଣି ଯୋଗାଇବାକୁ ହେଲେ ଆହୁରି ଅଧିକ ନଳକୂପର ଆବଶ୍ୟକତା ରହିଛି। ଏବେ ଖରାଦିନ ଆରମ୍ଭ ହୋଇଯାଇ ଥିବା ବେଳେ ପାଣିର ସମସ୍ୟା ଉତ୍କଟ ହେବାର ଆଶଂକା ଦେଖାଦେଇଛି।

## ଯକ୍ଷ୍ମାରୋଗୀଙ୍କ ଚିକିତ୍ସାରେ ଅବହେଳା

# ରାସ୍ତାରେ ଛଟପଟ ହୋଇ ପ୍ରାଣ ଗଲା

ଗଣିଆ/ନୟାଗଡ଼: ୧୫/୩(ଇମିସ): ଯକ୍ଷ୍ମାରୋଗୀଙ୍କ ଲାଗି ଡାକ୍ତରଖାନାରେ କୌଣସି ବ୍ୟବସ୍ଥା ନାହିଁ। ରୋଗୀଙ୍କୁ ଉପଯୁକ୍ତ ନିଦାନ ଦେବାକୁ ଅଭିଜ୍ଞ ଡାକ୍ତର କିମ୍ବା ଫାର୍ମାସିଷ୍ଟ ନାହାନ୍ତି। ଏଣେ ଚିକିତ୍ସା ଅଭାବରୁ ଅତି ଦୟନୀୟ ଭାବେ ପ୍ରାଣ ହରାଇଛନ୍ତି ରୋଗୀ। ଗଣିଆ ଡାକ୍ତରଖାନା ସମ୍ମୁଖ ରାସ୍ତା ଉପରେ ଧୁଷୁ ଖାଉବେଳେ ଅତି ଛଟପଟ ହୋଇ ପ୍ରାଣ ହରାଇଛନ୍ତି ଯକ୍ଷ୍ମାରୋଗୀ ବସନ୍ତ ନାୟକ(୫୦)। ବସନ୍ତଙ୍କ ଘର ରାସଙ୍ଗ ପଞ୍ଚାୟତ ତଙ୍କାରିସାହି ଗାଁରେ।

ମିଳିଥିବା ସୂଚନା ଅନୁସାରେ ମୃତ ବସନ୍ତ ଦୀର୍ଘ ଦୁଇମାସ ଧରି ରଣପୁର ବ୍ଲକ ଚାନ୍ଦପୁର ସ୍ଥିତ ଯକ୍ଷ୍ମା ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଆସୁଥିଲେ। ଆଜି ଯନ୍ତ୍ରଣା ଅନୁଭବ କରିବାରୁ ସେ ଗଣିଆ ଡାକ୍ତରଖାନାକୁ ଏକାକି ଆସିଥିଲେ। ଗଣିଆ ଡାକ୍ତରଖାନାରେ ଯକ୍ଷ୍ମାର ନିଦାନ ଲାଗି ଆବଶ୍ୟକୀୟ ଜଣେ ବି କର୍ମଚାରୀ ନାହାନ୍ତି। ଟିବି ଆସିଷ୍ଟାଣ୍ଟ(ଫାର୍ମାସିଷ୍ଟ) ଏବଂ ପାଥୋଲୋଜି ବିଭାଗରେ ଲାବୋରେଟୋରୀ ଆସିଷ୍ଟାଣ୍ଟ ଉଭୟ ପଦବୀ ଦୀର୍ଘ ଦେଢ଼ବର୍ଷ ହେଲା ଖାଲି ପଡ଼ିଛି। ଏପରି ସ୍ଥଳେ ବସନ୍ତ ବାଧ୍ୟ ହୋଇ ମେଡିକାଲ ଅଫିସର ଡାକ୍ତର ଧନେଶ୍ୱର ମହାପାତ୍ରଙ୍କ ପରାମର୍ଶ ନେଇଥିଲେ। ଡାକ୍ତର ତାଙ୍କୁ ଚିକିତ୍ସା କରିବା ପରେ ସେ ଅପରାହ୍ନ ୨ଟା ୩୦ରେ ବାହାରକୁ ଆସିଥିଲେ। ବାହାରକୁ ଆସିବା ପରେ ଅଧିକ ଯନ୍ତ୍ରଣା ଅନୁଭବ କରିଥିଲେ ବସନ୍ତ। ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ବସନ୍ତ ଛଟପଟ ହୋଇ ରାସ୍ତା ଉପରେ ପଡ଼ି ଯାଇଥିଲେ। କେହି କିଛି ବୁଝିବା ଆଗରୁ ସେଇଠି ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଖବର ପାଇ ସ୍ଥାନୀୟ ତହସିଲଦାର ଏଲୋରା ସାମଲ ଏବଂ ଥାନା ଭାରପ୍ରାପ୍ତ ଅଧିକାରୀ ଅର୍ଜୁନ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଶବଦାହ ଲାଗି ପରିବାରକୁ ହସ୍ତାନ୍ତର କରାଯାଇଛି। ସରକାରୀ ନିୟମ ଅନୁସାରେ ବସନ୍ତଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ତହସିଲଦାର। ଅନ୍ୟପଟେ ମୃତ୍ୟୁର କାରଣ ନେଇ ସ୍ଥାନୀୟ ଅଞ୍ଚଳରେ ନାନାଦି ସନ୍ଦେହ ଉପୁଜିଛି। ବିନା ଶବ ବ୍ୟବଚ୍ଛେଦରେ ପରିବାରକୁ କିଭଳି ଶବ ହସ୍ତାନ୍ତର କରାଗଲା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ କଳ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ନିଜର ଦୋଷ ଲୁଚାଇବାକୁ ଅତ୍ୟନ୍ତ ତରବରିଆ ଭାବେ ଶବ ସ୍ଥାନାନ୍ତର କରିଛନ୍ତି ଓ ଦାହ ପାଇଁ ପରିବାରକୁ ହସ୍ତାନ୍ତର କରିଥିବା ଚର୍ଚ୍ଚା ହେଉଛି। ତେବେ ତହସିଲଦାର କହିଛନ୍ତି ଯେ ଡାକ୍ତରଖାନାରେ ବସନ୍ତଙ୍କର ରକ୍ତ ପରୀକ୍ଷା ସହ ଡାକ୍ତର ତାଙ୍କୁ ଇଞ୍ଜେକ୍ସନ୍ ଦେଇଥିଲେ। ଡାକ୍ତରଖାନା ବାହାରେ ତାଙ୍କର ମୃତ୍ୟୁ ହୋଇଛି ଓ ତାହା ଯକ୍ଷ୍ମାଜନିତ ବୋଲି ତହସିଲଦାର କହିଛନ୍ତି। ବସନ୍ତଙ୍କ ପରିବାର ଲୋକେ ଶବ ବ୍ୟବଚ୍ଛେଦ ପାଇଁ ଦାବି କରିନଥିବାରୁ ତାହା କରାଯାଇନାହିଁ ବୋଲି ସୂଚନା ଦେଇଛନ୍ତି ତହସିଲଦାର। ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିବା ତହସିଲଦାର ପ୍ରକାଶ କରିଛନ୍ତି।

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557***